# DEPARTMENT OF ODIA
# PATTAMUNDAI COLLEGE, PATTAMUNDAI
DIST-KENDRAPARA, ODISHA ,PIN-754215.

**PROJECT**

ACADEMIC SESSION -2021-2022

TOPIC: - "LORD JAGANNATHA IN ODIA SAHITYA"
(ODIYA SAHITYA RE SRI JAGANNATHA)

GUIDE: - DR. PREMA LATA ROUT
HOD- DEPARTMENT OF ODIA LANGUAGE & LITERATURE.

# DEPARTMENT OF ODIA

## PATTAMUNDAI COLLEGE, PATTAMUNDAI, DIST- KENDRAPARA.

**PROJECT REPORT**

The Project Report is submitted as the evidence of tasks that are undertaken and accomplished by the 6th Semester Students of Odia Department while perusing their Projects Work on the Topic :-The Place of **Lord Jagannath in Odia Sahitya ( Odia Sahitya re Sri Jagannath)** during the month of May-2022. The students of this Department visited **Jagannath Temple, Bhagabat Tungui (Where Srimad Bhagabat is recited in Regular Way)** of three villages of the locality and interacted with the elderly persons of the villages, how they realise the existence and importance of **Lord Jagannath** in village culture. The Project was guided by Dr. Premalata Rout, Reader in Odia & the students presented their Project Details before an Examiner and Teachers of the Department for Final Evaluation.

ବାହ୍ୟ ପରୀକ୍ଷକ
Dileep Kumar Mohapatra
Signature of the External Examiner
Lect. In. Odia
Madanpur College
3.07.2022.

ବିଭାଗ ମୁଖ୍ୟା
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
Signature of the Guide
Premalata Rout
03/07/22

3.7.22
Principal
Pattamundai College

# ସୂଚୀପତ୍ର


| କ୍ରମସଂଖ୍ୟା | ବିଷୟ |
|---|---|
| ୧ - | ସାହିତ୍ୟର ସଂଜ୍ଞା ଓ ସ୍ୱରୂପ |
| ୨ - | ଓଡ଼ିଆ ଅଭିଲେଖରେ ଶ୍ରୀଜଗନ୍ନାଥ |
| ୩ - | ଓଡ଼ିଆ ପଞ୍ଚସଖା ସାହିତ୍ୟରେ ଶ୍ରୀଜଗନ୍ନାଥ |
| ୪ - | ମଧ୍ୟ ଯୁଗୀୟ ସାହିତ୍ୟରେ ଶ୍ରୀଜଗନ୍ନାଥ |
| ୫ - | ଆଧୁନିକ ଯୁଗୀୟ ସାହିତ୍ୟରେ ଶ୍ରୀଜଗନ୍ନାଥ |
| ୬ - | ନିଷ୍କର୍ଷ |

## ସାହିତ୍ୟ

ଜୀବସୃଷ୍ଟି ଭିତରେ ମନୁଷ୍ୟ ବୋଧହୁଏ ସବୁଠାରୁ ବେଶି ଅନୁକରଣ ପ୍ରିୟ । ପ୍ରତ୍ୟେକ ବସ୍ତୁକୁ ଅନୁକରଣ କରିବା ତାର ଏକ ସହଜାତ ପ୍ରବୃତ୍ତି । ଏହି ଅନୁକରଣ ମନୁଷ୍ୟ ର ଜନ୍ମ ମୁହୂର୍ତ୍ତରେ । ମନୁଷ୍ୟ ତାହାର ପାରିପାର୍ଶ୍ୱିକ ବସ୍ତୁଜଗତ, ପ୍ରାଣୀଜଗତ, ସମାଜ ଓ ଜୀବନ, ପ୍ରତ୍ୟେକ କୁ ତୀକ୍ଷ୍ଣଦୃଷ୍ଟିରେ ନିରୀକ୍ଷଣ କରିଥାଏ । ସାହିତ୍ୟିକ ହେଉଛନ୍ତି ଜୀବନର ସାଧକ । ଜୀବନକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଶ୍ଳେଷଣ କରି ତାକୁ ପାଠକ ସମ୍ମୁଖରେ ଉପସ୍ଥାପିତ କରିବା ହେଉଛି ତାର କାର୍ଯ୍ୟ । ଜୀବନକୁ ବାରମ୍ବାର ଅବଲୋକନ କରି, ତନ୍ନ ତନ୍ନ ବିଶ୍ଳେଷଣ କରି ତାର ଯେଉଁ ଅଂଶ ସାହିତ୍ୟରେ ପ୍ରକାଶ ପାଇବା ଉଚିତ, ତାହା ନିର୍ଦ୍ଧାରଣ କରି ଲେଖକ ସାହିତ୍ୟ ସୃଷ୍ଟି କରିଥାଏ । ତେଣୁ ଜଣେ ସାଧାରଣ ମଣିଷ ବା ପାଠକ ଠାରୁ ତାର ଦୃଷ୍ଟିକୋଣ ଭିନ୍ନ ହୋଇଥାଏ ।

ସାହିତ୍ୟିକ ସ୍ୱଭାବତଃ ସୌନ୍ଦର୍ଯ୍ୟପ୍ରିୟ । କିନ୍ତୁ ପୃଥିବୀର ସକଳ ସୌନ୍ଦର୍ଯ୍ୟ ଯେପରି ତାର ଦୃଷ୍ଟିଗୋଚର ହୁଏ, ସୌନ୍ଦର୍ଯ୍ୟ ଅନୁସନ୍ଧାନ ସମୟରେ ସମସ୍ତ ତ୍ରୁଟି ମଧ୍ୟ ତାର ଦୃଷ୍ଟିଗୋଚର ହୋଇଥାଏ । ବିଶ୍ୱ ସାହିତ୍ୟ ବା ଭାରତୀୟ ସାହିତ୍ୟ ପରିପ୍ରେକ୍ଷୀରେ ଏହି ସତ୍ୟ ଯେଉଁଭଳି ଅନୁଭୂତ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଅନୁରୂପ ସତ୍ୟ ବିଦ୍ୟମାନ । ଓଡ଼ିଆ ସାହିତ୍ୟର ଆଦି ସ୍ରଷ୍ଟା ସାରଳାଦାସ ଙ୍କ ସାହିତ୍ୟ ରେ ସମକାଳୀନ ସମାଜର ଚିତ୍ର ପ୍ରତିଫଳିତ । ସାରଳା ଙ୍କ ଯୁଗ ଥିଲା ଏକ ନବୀନ ସ୍ୱପ୍ନ ସୃଷ୍ଟିର ଯୁଗ । ଏଥିରୁ ରାଜନୈତିକ ପୃଷ୍ଠଭୂମି, ଧାର୍ମିକ ମତବାଦ ସାରଳା ଙ୍କ ସାହିତ୍ୟରେ ଖୁବ ପ୍ରଚୁର ପ୍ରଭାବ ହୋଇପାରିଛି ।

# ସାହିତ୍ୟ ଓ ସଂଜ୍ଞା

ପ୍ରାଚୀନ ସଂସ୍କୃତ ସାହିତ୍ୟଶାସ୍ତ୍ରରେ 'ସାହିତ୍ୟ' ଶବ୍ଦର ପ୍ରୟୋଗ ପରିଲକ୍ଷିତ ହୁଏ ନାହିଁ । ଏହା ଅପେକ୍ଷାକୃତ ଅର୍ବାଚୀନ ଶବ୍ଦ । ଏହି ଅର୍ଥରେ ପୂର୍ବେ 'କାବ୍ୟ' ଶବ୍ଦର ବ୍ୟବହାର କରାଯାଉଥିଲା । ସାହିତ୍ୟ ଅର୍ଥରେ ପ୍ରଥମେ କୁନ୍ତକ 'ସାହିତ୍ୟ' ଶବ୍ଦର ବ୍ୟବହାର କରିଥିଲେ । ପରେ ଏହି ଶବ୍ଦ ସମ୍ପୂର୍ଣ୍ଣ ରୂପେ ପ୍ରତିଷ୍ଠା ଲାଭ କଲା ବିଶ୍ୱନାଥ କବିରାଜଙ୍କ କାବ୍ୟତତ୍ତ୍ୱ 'ସାହିତ୍ୟ ଦର୍ପଣ' ଗ୍ରନ୍ଥରେ । ଏହି ଗ୍ରନ୍ଥ ବେଶ୍ ଆଦୃତ ଲାଭ କରିଥିଲା ।

'ସାହିତ୍ୟ' ଶବ୍ଦଟି 'ସହିତ' ଶବ୍ଦରୁ 'ଯ' ପ୍ରତ୍ୟୟ ଦ୍ୱାରା ନିଷ୍ପନ୍ନ ହୋଇଅଛି । ଏହି 'ସହିତ' ଶବ୍ଦକୁ ନେଇ ବହୁ ଭାବରେ ଅର୍ଥ କରାଯାଇପାରେ । 'ସହିତ' ଶବ୍ଦରୁ ସାହିତ୍ୟ ଓ ସଂଜ୍ଞା ନିର୍ଦ୍ଧାରଣ କରିବା ଲାଗି ବହୁ ପ୍ରୟାସ କରାଯାଇ କେତେ କହନ୍ତି ହିତେନ ସହ ବର୍ତ୍ତମାନ ସାହିତ୍ୟ । ସାହିତ୍ୟ ମଣିଷ ସମାଜର ହିତ ସାଧନ କରେ ବୋଲି ତାକୁ ସାହିତ୍ୟ କୁହାଯାଏ । କିନ୍ତୁ ଏହା ସବୁ ସମୟରେ ସତ୍ୟ ନୁହେଁ । ସାହିତ୍ୟ କେବଳ ମାନବ ସମାଜର ହିତ ସାଧନ ପାଇଁ ଉଦ୍ଦିଷ୍ଟ ନୁହେଁ । ସାହିତ୍ୟ ତାଙ୍କ ମନରେ ରସ ସଂଚାର କରି ତାକୁ ଆନନ୍ଦ ଦାନ କରିଥାଏ କିନ୍ତୁ ସବୁବେଳେ ଭାବେ କୌଣସି ଆଦର୍ଶବାଦରୁ ପ୍ରଚାର କରିଥାଏ ନାହିଁ । ଯେଉଁ ପ୍ରକାର ସାହିତ୍ୟରେ ସମାଜର ମଙ୍ଗଳ ହେଉ, ସମାଜ ନୀତିଶିକ୍ଷା ଲାଭ କରିପାରିବ ତାହା ପ୍ରକୃତ ସାହିତ୍ୟରେ ପଦବାଚ୍ୟ ନୁହେଁ, ଏହା ନୀତି ପ୍ରଚାର ମୂଳକ ଗ୍ରନ୍ଥ ମାତ୍ର ।

ସାହିତ୍ୟର ସଂଜ୍ଞା ଦେବାକୁ ଯାଇ ବିଭିନ୍ନ ଆଲୋଚକ ମାନେ ଭିନ୍ନ ଭିନ୍ନ ମତ ପୋଷଣ କରିଛନ୍ତି । ଯଥା -

ଆଲୋଚକ ଚିତ୍ତରଞ୍ଜନ ଙ୍କ ଭାଷାରେ -

"ସାହିତ୍ୟ ହେଉଛି ଏକ ଗୋଷ୍ଠୀର ସାମୁହିକ ଜୀବନ, ଜଳବାୟୁରୁ ଜାତ ଯାହାକୁ ସଂସ୍କୃତି ବୋଲି କୁହାଯାଏ ଏବଂ ଜଳବାୟୁ ଅନ୍ତଃପରିବେଶ ଓ ବହିଃପରିବେଶ ଉଭୟଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣାକୁ ଶବ୍ଦମାନ ଦେଇ ବ୍ୟକ୍ତ କରିଥାଏ"

ସେହିପରି ଆଲୋଚକ ସୁରେନ୍ଦ୍ର ମହାନ୍ତି ଙ୍କ ମତରେ -

"ସମାଜର ଜୀବନ ହେଉଛି ସାହିତ୍ୟ । ଏବଂ ସମାଜଜୀବନର ପରିବର୍ତ୍ତନ ଯେମିତି ଇତିହାସରେ ସ୍ଥାନ ପାଇଥାଏ । ସେମିତି ତାହା ସାହିତ୍ୟରେ ଛାପ ପକାଇଥାଏ ।"

ଗବେଷକ ଡକ୍ଟର ନୃସିଂହ ଚରଣ ପଣ୍ଡା ଙ୍କ ଭାଷାରେ -

"ସାହିତ୍ୟ ହେଉଛି ଏକ ଗୋଷ୍ଠୀର ସାମୁହିକ ଜୀବନ ଜଳବାୟୁରୁ ଜାତ, ଯାହାକୁ ସଂସ୍କୃତି ବୋଲି କୁହାଯାଏ ଏବଂ ଜଳବାୟୁ ଅନ୍ତଃପରିବେଶ ଓ ବହିଃପରିବେଶ ଉଭୟ ଦ୍ୱାରା ପ୍ରଭାବିତ ହୋଇଥାଏ ।"

ଡ. ନିଳାଦ୍ରୀ ଭୂଷଣ ହରିଚନ୍ଦନ ଙ୍କ ମତରେ -

"ସମାଜ ଯଦି ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଏ କିନ୍ତୁ ସାହିତ୍ୟ ଧ୍ୱଂସ ପାଇବନାହିଁ । ସମାଜଜୀବନର ସାଂସ୍କୃତିକ ଅବଦାନକୁ ସାହିତ୍ୟ ଭିତରୁ ହିଁ ପାଇପାରିବା ।"

'ସାହିତ୍ୟ'ର ଅନ୍ୟ ଏକ ଅର୍ଥ ହେଉଛି 'ମିଳନ'। ମିଳନ ଅର୍ଥରେ 'ସାହିତ୍ୟ' ଶବ୍ଦ ବ୍ୟବହାରର ଅନେକ ପ୍ରାଚୀନ ଦୃଷ୍ଟାନ୍ତ ରହିଛି। ଏହି 'ମିଳନ' ଅର୍ଥ ସହିତ ଅନ୍ୟ ଏକ ଅର୍ଥ ଅନୁସୃତ ହୋଇଛି ବସ୍ତୁ ଉପାଦାନ ଏକତ୍ର ଅବସ୍ଥିତିର। 'ଶ୍ରାଦ୍ଧବିବେକ'ରେ ସାହିତ୍ୟ ଶବ୍ଦର ବ୍ୟାଖ୍ୟା କରାଯାଇଛି। ଯଥା :-

"ପରସ୍ପର ସାପେକ୍ଷାଣାଂ ତୁଲ୍ୟରୂପାଣାଂ ଯୁଗପଦେକ
କ୍ରିୟାନ୍ୱୟିତ୍ୱଂ ସାହିତ୍ୟଂ"

ଅର୍ଥାତ୍ ପରସ୍ପରସାପେକ୍ଷ ସମତୁଲ୍ୟ ବସ୍ତୁ ବସ୍ତୁର ଯୁଗପତ୍ ଏକ କ୍ରିୟା ସହିତ ଅନ୍ୱୟର ଭାବ ହେଉଛି ସାହିତ୍ୟ। 'ସାହିତ୍ୟ' ଶବ୍ଦ ଭିତରେ ଏହି ଯେଉଁ ଏକ କ୍ରିୟାନ୍ୱୟିତ୍ୱ ଅର୍ଥ ନିହିତ ଅଛି, 'ସାହିତ୍ୟ' ଶବ୍ଦର ଆଧୁନିକ ପ୍ରୟୋଗ ଭିତରେ ତାହାର ଏକ ଗଭୀର ସାର୍ଥକତା ଲକ୍ଷ କରିହୁଏ। ସମାଜରେ ଏପରି ଅନେକ ଘଟଣା ଘଟିଛି ଯାହା ଲୋକ ଚକ୍ଷୁରେ କାଳିମାମୟ ହୋଇପାରେ, କିନ୍ତୁ ଶୈଳ୍ପିକ ଦୃଷ୍ଟିକୋଣରୁ ତାହା ବିଚାର କଲେ ତାହା ଶିଳ୍ପ ସୌନ୍ଦର୍ଯ୍ୟ ବସ୍ତୁ। ଏହା ସମାଜରେ ପ୍ରତିକ୍ରିୟା ସୃଷ୍ଟି କଲେ ତାହା ସମାଜରେ ସାହିତ୍ୟିକ ନୈତିକ ଭାବରେ ଏହାକୁ ଆଲୋକ ସୃଷ୍ଟିରେ ରୂପାୟିତ କରିପାରେ। ଅବଶ୍ୟ ଏହାର ପରୋକ୍ଷ ପ୍ରଭାବ ରହିଛି। ଏକ ବିପୁଳାକୃତିର ସାହିତ୍ୟିକ ଭିତରେ ଯେଉଁ ବସ୍ତୁନିଷ୍ଠ ଉପକରଣ ଓ ସମାବେଶ ଘଟିଥାଏ, ଏହି ଉପାଦାନଗୁଡ଼ିକ ଆପାତତଃ ଯେତେ ଭିନ୍ନ ପ୍ରକୃତିର ମନେ ହେଉନା କାହିଁକି ମୂଳତଃ ସେଗୁଡ଼ିକ ସାପେକ୍ଷ ଏବଂ ଏକକ୍ରିୟାନ୍ୱୟୀ ହୋଇଥାଏ।

## ସାହିତ୍ୟର ସ୍ୱରୂପ :

ବିଶ୍ୱର ଲୀଳା ଚଞ୍ଚଳ ରୂପ ସମସ୍ତଙ୍କ ପ୍ରତ୍ୟକ୍ଷର ଦୃଷ୍ଟ ଯଥାର୍ଥ ସତ୍ୟ । କିନ୍ତୁ ଏହି ଦୃଶ୍ୟ ସାହିତ୍ୟିକଙ୍କ ହୃଦୟରେ ଯେପରି ନବ ନବ ଉନ୍ମେଷ ସୃଷ୍ଟି କରିଥାଏ, ଜଣେ ସାଧାରଣ ବ୍ୟକ୍ତି ମନରେ ସେପରି କୌଣସି ଆଲୋଡ଼ନ ସୃଷ୍ଟି କରେନାହିଁ । ସାହିତ୍ୟିକ କେବଳ ଜଗତ ଓ ଜୀବନ ସମ୍ପର୍କରେ ତାର ସୂକ୍ଷ୍ମ ଶିଳ୍ପୀଚିତ୍ର ରଚନା କରିପାରେ, କିନ୍ତୁ ସାଧାରଣ ଲୋକ ପକ୍ଷରେ ଏହା ଅସମ୍ଭବ । ତେଣୁ ଜଗତରେ ସମସ୍ତେ କବି ବା ସାହିତ୍ୟେ ନୁହଁନ୍ତି, କେହି କେହି କବି ବା ସାହିତ୍ୟିକ ।

ପ୍ରକୃତି ମାନବ ଜୀବନର ଯେଉଁ ସୁନ୍ଦର-ଅସୁନ୍ଦର, ସୁଖ-ଦୁଃଖର ଅପାର ରହସ୍ୟ କୁ ତା ନିକଟରେ ଲୁଚାଇ ରଖିଛି, ତାର ଉଦ୍‌ଘାଟନ କରେ ସାହିତ୍ୟିକ । ସାହିତ୍ୟର ଦିବ୍ୟାଞ୍ଜନରେ ସାଧାରଣ ଲୋକ ଚକ୍ଷୁର ଉନ୍ମୀଳନ ଘଟେ । ସାହିତ୍ୟଜଗତରେ ସ୍ରଷ୍ଟାଙ୍କ ଯେତିକି ସମ୍ମାନ, ସହୃଦୟଙ୍କ ପାଇଁ ମଧ୍ୟ ସେତିକି ସମ୍ମାନ । ସହୃଦୟଙ୍କ ବ୍ୟତୀତ ସାହିତ୍ୟର ମହତ୍ତ୍ୱ ଅନୁଭବ କରିବାକୁ ଆଉ କେହି ସମର୍ଥ ନୁହଁନ୍ତି । ସହୃଦୟ ଅନୁଶୀଳନ ହିଁ ରସାସ୍ୱାଦନର ଅଧିକାରୀ । ସାହିତ୍ୟ ସହୃଦୟଙ୍କ ଚିତ୍ତରେ ଅନୁରୂପ ଭାବ ସଞ୍ଚାର କରି ତାଙ୍କୁ ଏକ ନୈର୍ବ୍ୟକ୍ତିକ ଜଗତକୁ ନେଇଯାଏ । ସାହିତ୍ୟର ଭାବାନୁଭୂତି ସହିତ ତାର ଏକାତ୍ମତା ସୃଷ୍ଟି ହେବାରୁ ସେ ଦେଶକାଳ ଭୁଲି-ଯାଏ । ସାହିତ୍ୟ ଅନୁରୂପ ଭାବରେ ରସସଞ୍ଚାର କରିପାରୁ-ଥିବାରୁ ଆମେ ଜଗତର ଜଡ଼ ବାସ୍ତବତାକୁ ଭୁଲିଯାଇ କେତେବେଳେ ଆତ୍ମହରା ହେଉ, ପୁଣି କେତେବେଳେ ଦୁଃଖରେ ମ୍ରିୟମାଣ ହୋଇପଡୁ ।

## ଓଡ଼ିଆ ଅଭିଲେଖରେ ଶ୍ରୀଜଗନ୍ନାଥ :

ଓଡ଼ିଆ ଅଭିଲେଖରେ ଉପଲବ୍ଧିତ ମୁଖ୍ୟ ଅଧିକ ବୋଲି ମନେହୁଏ । ଓଡ଼ିଶାର ପ୍ରସିଦ୍ଧ ରାଜା ଗଜପତି କପିଳେନ୍ଦ୍ରଦେବ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରମୁଖ ପୃଷ୍ଠପୋଷକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କ ଦ୍ୱାରା ପ୍ରଦତ୍ତ ଅନେକ ଅଭିଲେଖରୁ ଜଣାଯାଏ ଯେ, ସେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଜଣେ ପରମଭକ୍ତ ଥିଲେ। କେବଳ ସେତିକି ନୁହେଁ, ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ପଦ୍ମବଂଶ ଶାସନରେ ଏହି ଓଡ଼ିଆ ଅଭିଲେଖ ଗି ଓଡ଼ିଆ ଗଦ୍ୟ-ସାହିତ୍ୟର ଏକ ମୁଖ୍ୟ ଅଂଶ ।

## ଅଭିଲେଖ ପାଠ :

"ହେ ଶ୍ରୀଜଗନ୍ନାଥ ମୋହର ବାହିର ଅଭ୍ୟନ୍ତର ସମସ୍ତ ତୁ ଜାଣୁ । ମୋହର ଯେତେ ରତନ ପଦାର୍ଥ ଅଛି, ସେ ତୋହର । x x x ଏ ଉପଦ୍ରବ ତୁ ଯାହାକୁ ଅନୁଗ୍ରହ କରୁ ... ବୀର ଗଜପତି ପ୍ରତାପ କପିଳେଶ୍ୱର ଦେବ ମହାରାଜଙ୍କରୁ ... ହେ ଜଗନ୍ନାଥ ତୋର ସେବକ ଏମନ୍ତ ଜଣାଉଅଛି । ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ଦେବଙ୍କ ପାଦପଦ୍ମକୁ ଭକ୍ତି କିମତେଁ କପିଳେଶ୍ୱର ରଜାଏ ସେବା କରିଦେଲେ ରତ୍ନଭୋଡ଼ରମାନ । ଶ୍ରୀଭୁଜରେ ରତ୍ନ ନକ୍ଷତ୍ର ଦୁଇ ପରମେଶ୍ୱର ମାଣିକ୍ୟ ସୁନା ପୋଗଡ଼ି"

ଏହିପରି ଜଗନ୍ନାଥ ଙ୍କ ଅଭିଲେଖ ର ପାଠ କରାଯାଏ । ପ୍ରାଚୀନ କାଳରେ ଅର୍ଥାତ୍ ଗୁପ୍ତଶାସନରୁ ପଦ୍ମବଂଶ ଶାସନ ମଧ୍ୟରେ ଯେଉଁ ଶିଳାଲେଖ, ତାମ୍ରଶାସନ ଲେଖ ଆଦି ଆବିଷ୍କାର ହୋଇଥିଲା ତାହାକୁ ଅଭିଲେଖ ବୋଲି ସ୍ୱୀକାର କରାଯାଏ ।

## ସାରଳା ସାହିତ୍ୟରେ ଶ୍ରୀଜଗନ୍ନାଥ :

ମହାକବି ସାରଳାଦାସ ଉତ୍କଳରେ ବ୍ୟାସଦେବ ରୂପେ ପରିଚିତ । ସେ ଆଦିକବି ଶୂଦ୍ରମୁନି ସାରଳାଦାସ ଭାବେ ପରିଚିତ । ସଂସ୍କୃତ ମହାଭାରତର କଥାବସ୍ତୁ ଉପରେ ମହାଭାରତ ରଚନା କରି ଓଡ଼ିଶାର ଜନସାଧାରଣଙ୍କ ମନରେ ପୁରାଣଚେତନା ପ୍ରଥମ ଉପସ୍ଥାପନା କରିଛନ୍ତି । ସେ ତାଙ୍କ ଗ୍ରନ୍ଥରେ ଓଡ଼ିଶାର ଧର୍ମନୀତି ତଥା ସାଂସ୍କୃତିକ ଚିତ୍ରମାନ ଏପରି ଭାବରେ ଉଲ୍ଲେଖ କରିଛନ୍ତି ଯେ, ତାହା ଏକ ମୌଳିକ ଗ୍ରନ୍ଥ ରୂପେ ପାଠକ ସମାଜରେ ସମାଦୃତ ହୁଏ । କବି ସାରଳା ଦାସ ମହାଭାରତରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଓଡ଼ିଶାର ଜାତୀୟ ଦେବତା ରୂପେ ଚିତ୍ରଣ କରିଛନ୍ତି । ସେ ମଙ୍ଗଳାଚରଣ ପ୍ରଭୃତି ବହୁ ସ୍ଥାନରେ କୋଉଠି, ଅନେକ ସ୍ଥଳରେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଅଭେଦ କଳ୍ପନା କରିଛନ୍ତି । ବିଶେଷତଃ ମୂଷଳୀ ପର୍ବରେ ଶ୍ରୀକୃଷ୍ଣଙ୍କର ଦେହ-ବସାନ ବର୍ଣ୍ଣନା କରିବାକୁ ଯାଇ କବି ସାରଳାଦାସ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର ବର୍ଣ୍ଣନା କରି ମହାଭାରତ ଗ୍ରନ୍ଥକୁ ଏକ ଜାତୀୟ ମହାକାବ୍ୟରେ ପରିଣତ କରିଛନ୍ତି ।

ଉଦାହରଣ :

(୧) ବଉଦ୍ଧ ରୂପେ ବିଜୟ କରିଛନ୍ତି ଜଗନ୍ନାଥେ ।

x x x

(୨) ବଉଦ୍ଧ ରୂପେ ନୀଳକନ୍ଦରେ ଛନ୍ତି ବସି ।

x x x

(୩) ଦ୍ୱାପର ଯୁଗ ଶେଷରେ ଦେବ ଜଗନ୍ନାଥ
ବଉଦ୍ଧ ରୂପରେ ବିଜେ କରିବେ ଏଥି ।

ମହାଭାରତରେ ମଧ୍ୟପର୍ବରେ ମଧ୍ୟ ଶ୍ରୀଜଗନ୍ନାଥ ରୂପ ବର୍ଣ୍ଣନା ପ୍ରସଙ୍ଗରେ ଆଦି କବି ସାରଳା ଦାସ ରଚନା କରିଛନ୍ତି । ଯଥା :-

"ଉତ୍ତର ପଶ୍ଚିମ ଆଉ ମହୋଦଧି କୂଳେ,
ନୀଳକନ୍ଦରରେ କାଳପଣ ପଦ୍ମତଳେ
ରହି ସିଂହାସନ ପରେ ଅଛି ଭୁଲାଇଲେ

x x x

ଜୋତି ଚନ୍ଦ୍ରମା ଜିଣି ଶ୍ରୀମୁଖ ମଣ୍ଡଳ
ଶ୍ରୀଅଙ୍ଗରେ ଶୋଭା ପାଏ ମକର କୁଣ୍ଡଳ ।"

ଭକ୍ତି ଆନ୍ଦୋଳନର ପୃଷ୍ଠଭୂମିରେ ସାରଳାଦାସଙ୍କ ମହାଭାରତରେ ଶ୍ରୀଜଗନ୍ନାଥ ସଗୁଣ ଓ ନିର୍ଗୁଣ ପରଂବ୍ରହ୍ମ ରୂପରେ ବର୍ଣ୍ଣିତ ହୋଇଛନ୍ତି ।

ସାରଳା ମହାଭାରତରେ ଶ୍ରୀଜଗନ୍ନାଥଙ୍କର ମୂର୍ତ୍ତି ପ୍ରତିଷ୍ଠାରୁ ଆଖ୍ୟାୟିକାକୁ ଅବଲମ୍ବନ କରି ନୀଳାମ୍ବର ଦାସଙ୍କ 'ଦେଉଳ ତୋଳା', ବିଷ୍ଣୁଦାସଙ୍କ 'ଦେଉଳତୋଳା' ପ୍ରଭୃତି ଗ୍ରନ୍ଥମାନ ରଚିତ ହୋଇଛି । ଏ ସବୁରେ ଆଦି ଓ ଅନ୍ତ୍ୟରେ ଜାତି ବିଭେଦରୁ ମୈତ୍ରୀ ପ୍ରତିଷ୍ଠାରୁ ପ୍ରୟାସ ଦେଖା ଯାଏ ସଙ୍ଗେ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତର ଅନେକ ଭକ୍ତିପ୍ରୀତି-ଭାବ ପରିଲକ୍ଷିତ ମିଳେ । ସାରଳାଦାସଙ୍କ ମହାଭାରତ ଅଧ୍ୟୟନରୁ ଜଣାଯାଏ, ସାରଳା ଦାସ ସାମ୍ୟ ଓ ମୈତ୍ରୀରୁ ପ୍ରତିଷ୍ଠିତ ଏକ ଶୋଷଣହୀନ ନୂତନ ସମାଜର ପରିକଳ୍ପନା କରିଥିଲେ । ଏହି ସାମ୍ୟ ଉପରେ ପ୍ରତିଷ୍ଠିତ ରାଜ୍ୟରେ ସମସ୍ତଙ୍କୁ ବଞ୍ଚିବାର ଅଧିକାର ରହିଛି । ସାରଳାଦାସଙ୍କ ମହାଭାରତରେ ମଧ୍ୟ ଜଗନ୍ନାଥଙ୍କର ନବଦିନ ଅନବସର ମଧ୍ୟ ବର୍ଣ୍ଣନା କରାଯାଇଥିଲା ।

## ପଞ୍ଚସଖା ସାହିତ୍ୟରେ ଶ୍ରୀଜଗନ୍ନାଥ :

ସାରଳା ଯୁଗ ପରେ ପଞ୍ଚସଖା ଯୁଗରେ ଭକ୍ତି ଭାବନାର ଚରମସ୍ଫୂର୍ତ୍ତି ପ୍ରତିପାଦିତ ହୋଇଥିଲା । ସେଥିପାଇଁ ଏ ଯୁଗକୁ 'ଭକ୍ତିଯୁଗ' ବା ସନ୍ଥ ସାହିତ୍ୟର ଯୁଗ ଭାବରେ ଅଭିହିତ କରିଥାନ୍ତି।

ପଞ୍ଚସଖା ସାହିତ୍ୟରେ ବୌଦ୍ଧଦର୍ଶନ, ପଣ୍ଡିତ ଶୂନ୍ୟବାଦ, ବେଦ ଓ ବେଦାନ୍ତ ବର୍ଣ୍ଣିତ ସଗୁଣ ନିର୍ଗୁଣ ତତ୍ତ୍ୱ, ଭଗବଦ୍ ଗୀତା, ମହାଭାରତ ପୁରାଣବର୍ଣ୍ଣିତ ଭକ୍ତିତତ୍ତ୍ୱର ମଧୁର ସମନ୍ୱୟ ହୋଇଛି । ବୁଦ୍ଧ ଜଗନ୍ନାଥଙ୍କର ସଗୁଣ ଓ ସାକାର ରୂପମୂର୍ତ୍ତି ସେମାନଙ୍କୁ ଭକ୍ତିବାଦ ଆଡ଼କୁ ଆକର୍ଷଣ କରିନେଇଛି । ଏହା ସହିତ ଭକ୍ତ କବି ଜୟଦେବଙ୍କର ରାଧାକୃଷ୍ଣ ପ୍ରେମ ସମ୍ବଳିତ ଭକ୍ତିଧାରା ଓ ଶ୍ରୀଚୈତନ୍ୟଙ୍କର ଉତ୍କଳ ଆଗମନ ପରେ ତାଙ୍କର ପ୍ରେମଭକ୍ତି ଧାରା ପଞ୍ଚସଖା ମାନଙ୍କର ଧାର୍ମିକ ଚିନ୍ତା ସହିତ ମିଶିଯିବା ପରେ ସେମାନଙ୍କର ନିର୍ଗୁଣ ପରଂବ୍ରହ୍ମ ଆରାଧନାରୁ ସାଧନାପନ୍ଥା ମଧ୍ୟ ପ୍ରେମଭକ୍ତି ମାର୍ଗଦ୍ୱାରା ପ୍ରଭାବିତ ହୋଇଥିଲା ।

ନିର୍ଗୁଣ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଜ୍ଞାନ, କର୍ମ ଓ ଭକ୍ତିରେ କିପରି ଉପଲବ୍ଧ ହୁଅନ୍ତି ଓ ତାଙ୍କ ସ୍ୱରୂପ ମଧ୍ୟ ଲାଭ କରାଯାଇ ପାରେ, ସେହି ତତ୍ତ୍ୱକୁ ପ୍ରତିଷ୍ଠା କରିବାରୁ ଥିଲା ପଞ୍ଚସଖା ସାଧକଙ୍କର ମୂଳଲକ୍ଷ୍ୟ । ସେହି ପରମତତ୍ତ୍ୱକୁ ଉପଲବ୍ଧି କରିବା ନିମିତ୍ତ ସେମାନେ ଈଶ୍ୱରଙ୍କ ସଗୁଣ ଓ ନିର୍ଗୁଣ ଉପାସନାକୁ ସାଧନାର ମାର୍ଗ ଭାବରେ ଗ୍ରହଣ କରି ନେଇଛନ୍ତି । କୌଣସି ନିର୍ଦ୍ଦିଷ୍ଟ ଧର୍ମ ସଂପ୍ରଦାୟ ଭିତରେ ବାନ୍ଧି ନହୋଇ ବରଂ ବେଦବେଦାନ୍ତ ଦର୍ଶନକୁ ସମ୍ପୂର୍ଣ୍ଣ ଭାବେ ଉପଯୋଗ କରି ଶ୍ରୀଜଗନ୍ନାଥ ବୈଦିକ ଦର୍ଶନଧାରାକୁ ପରିପୁଷ୍ଟ କରିଛନ୍ତି ।

ପରମେଶ୍ୱରଙ୍କ ନିର୍ଗୁଣ ରୂପକୁ ଆଧାର କରି ଏହି ପଞ୍ଚସଖା ଗୋଷ୍ଠୀ ପୁରାଣ, ଗୀତା, ସଂହିତା, ମାଳିକା, ପଟଳ, ଚଉପଦି, ଚଉତିଶା ରାସ କୋଇଲି, ଭଜନ, ଜଣାଣ ଆଦି ଗୀତିକାମାନ ରଚନା କରିଛନ୍ତି।

## (୧) ବଳରାମ ଦାସଙ୍କ ସାହିତ୍ୟରେ ଶ୍ରୀଜଗନ୍ନାଥ :

ଉତ୍କଳ - ବାଲ୍ମୀକି ବଳରାମ ଦାସ 'ଜଗମୋହନ ରାମାୟଣ' ରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବର୍ଣ୍ଣନା କରି ସ୍ୱଭକ୍ତି ଭାବନାର ପରାକାଷ୍ଠା ବହୁଳଭାବରେ ପ୍ରଦର୍ଶନ କରିଛନ୍ତି। ସେ ସ୍ୱରଚିତ ରାମାୟଣ ଗ୍ରନ୍ଥକୁ ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଉତ୍ସର୍ଗ କରି ପୁସ୍ତକର ନାମ 'ଜଗମୋହନ ରାମାୟଣ' ରଖିଛନ୍ତି ଏବଂ ଗ୍ରନ୍ଥର ପ୍ରଥମ ଅଧ୍ୟାୟଟିକୁ ମଙ୍ଗଳାଚରଣ ଅଧ୍ୟାୟରୂପେ ରଚନା କରି ଶ୍ରୀଜଗନ୍ନାଥଙ୍କ ସ୍ତୁତି ଗାନ କରିଛନ୍ତି। କେବଳ ସେତିକି ନୁହେଁ, ଜଗମୋହନ ରାମାୟଣ ଆଦିକାଣ୍ଡ ଓ ଉତ୍ତରାକାଣ୍ଡରେ ଜଗନ୍ନାଥ ସ୍ୱୟଂ ଗ୍ରନ୍ଥର ରଚୟିତା ବୋଲି ଉଲ୍ଲେଖ କରି ମହାପ୍ରଭୁଙ୍କ ପାଦରେ ଅନୁରକ୍ତି ପ୍ରଦର୍ଶନ କରିଛନ୍ତି। ଯଥା :-

(୧) "ଶ୍ରୀ ଜଗନ୍ନାଥଙ୍କର ଆଜ୍ଞା ଶିରେ ଧରି,
ଗ୍ରନ୍ଥ ବଖାଣିବି ମୁଁ ଆଦ୍ୟ ପ୍ରାନ୍ତ କରି"।

x x x

(୨) ଜଗମୋହନ ବୋଲି ଯେ ରାମାୟଣ ଗ୍ରନ୍ଥ,
ଏହା ଧରୁ କହି ସେ ନୀଳଗିରି ଜଗନ୍ନାଥ।

ଉତ୍କଳକବି ବଳରାମ ଦାସ ଥିଲେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁପ୍ରସିଦ୍ଧ ଭକ୍ତ ଓ କବି। ଏହି ରାମାୟଣରେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ନିଜ ଭକ୍ତିର ପରାକାଷ୍ଠା ପ୍ରଦାନ କରିଛନ୍ତି।

ଯଥା :-

" ବନରେ ଜଗନ୍ନାଥ କାଳା - ଦେହୀ ମତି ।
ନୀଳଗିରି ପବିତ୍ର ଅପୂର୍ବ ବିଜୟମୂର୍ତ୍ତି ।

x x x

x x x

ଶ୍ରୀ ଅନଙ୍ଗ ମୁକୁନ୍ଦ ଗୋପୀଜନ ।
ବିହାରର କିରଣମଣି ମହା ଛନ୍ଦ ଛନ୍ଦ ।

କବି ବଳରାମ ଦାସ ଏହିପରିଭାବରେ ଶ୍ରୀଜଗନ୍ନାଥଙ୍କ ରୂପ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ତାଙ୍କୁ ପରମବ୍ରହ୍ମ ରୂପେ ଉପାସନାର ଗ୍ରନ୍ଥମାନଙ୍କରେ ସ୍ଥାନ ଦେଇଛନ୍ତି ଏବଂ ତାଙ୍କଠାରୁ ମତ୍ସ୍ୟ-ବରାହାଦି ଅବତାର ସୃଷ୍ଟି ହୋଇଛନ୍ତି ବୋଲି ଆଲୋଚନା କରିଛନ୍ତି । ଯଥା:-

" ବ୍ରହ୍ମା ରୁଦ୍ର ଯାହାଙ୍କୁ ଚିନ୍ତନ୍ତି କରି ଧ୍ୟାନେ ।
ସେ ପ୍ରଭୁ ଅବତାର ମର୍ତ୍ତ୍ୟେ ବିଦ୍ୟମାନେ ।

x x x

ଆପଣାରୁ ନାମ ଶ୍ରୀପୁରୁଷୋତ୍ତମ ପୁରୀ ।
ବ୍ରହ୍ମା ସର୍ଜିଲା ଯାହା ଅତି ଯତ୍ନ କରି ।

ପଞ୍ଚସଖାଙ୍କ କିମ୍ବଦନ୍ତୀରୁ ଆହୁରି ମଧ୍ୟ ଜଣାଯାଏ, ମହାପ୍ରଭୁ ରଥର ମାନ ଉଦ୍ଧାରଣ ପାଇଁ ବଡ଼ଦାଣ୍ଡରୁ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଛାଡ଼ି ବାକି ମୁହାଣରେ ବାଲିଆପରେ ବିଜେ କରିଥିଲେ । ବଳରାମ ଦାସ 'ଦଣ୍ଡ ଚୋରି', 'ବଟ ଅବକାଶ', 'ଭାବସମୁଦ୍ର' ପ୍ରଭୃତି ରଚନାରେ ଜଗନ୍ନାଥ ମହାପ୍ରଭୁଙ୍କର ତାତ୍ତ୍ୱିକ ଦିବ୍ୟ କରୁଣା ଧାରାର ବର୍ଣ୍ଣନା କରି ଶ୍ରୀଜଗନ୍ନାଥ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀତି ବର୍ଣ୍ଣନାରେ 'ଲକ୍ଷ୍ମୀପୁରାଣ' ଶୀର୍ଷକ ଗ୍ରନ୍ଥ ଓଡ଼ିଆ ସାହିତ୍ୟର ଏକ ଅଭିନବ ଗ୍ରନ୍ଥ । ଭକ୍ତକବି ବଳରାମ ଦାସ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନୁରାଗରେ ରହି ତତ୍କାଳୀନ ସମାଜର ଦୁଇଟି ନିନ୍ଦନୀୟ ପ୍ରଥା ବିରୁଦ୍ଧରେ ତୁମୁଳ ଅଭିଯାନ ଚଳାଇଛନ୍ତି । ଏଥିରେ ଷୋଡ଼ଶ ଅଧ୍ୟାୟରେ ଛୁଆଁ-ଅଛୁଆଁ ଏହି ଦୁଇଟି ପ୍ରଥା ବିରୁଦ୍ଧରେ କବି ସ୍ୱର ଉତ୍ତୋଳନ କରିଛନ୍ତି ।

(୭) ଜଗନ୍ନାଥ ଦାସଙ୍କ ସାହିତ୍ୟରେ ଶ୍ରୀଜଗନ୍ନାଥ :

ଓଡ଼ିଶାର ଜନଜୀବନକୁ ଭକ୍ତିମାର୍ଗରେ ପରିଚାଳିତ କରି ଦିବ୍ୟ ଜୀବନଯାପନ କରିବାର ମାର୍ଗ ନିର୍ଦ୍ଦେଶ କରିଥିଲେ ପଞ୍ଚସଖା ଯୁଗର ଅନ୍ୟତମ ଶ୍ରେଷ୍ଠ କବି ଜଗନ୍ନାଥ ଦାସ । ତାଙ୍କର ଶ୍ରେଷ୍ଠ ସୃଷ୍ଟି ଭାଗବତରେ ଭକ୍ତିଧାରାରେ ଦେଖିବାକୁ ମିଳେ । ଦଶମ ସ୍କନ୍ଧରେ ରାସ ପଞ୍ଚାଧ୍ୟାୟୀରେ ମଧୁର ଗୋପୀପ୍ରେମ ଭକ୍ତିର ନିଦର୍ଶନ ଦେଖିବାକୁ ମିଳୁଥିବା ବେଳେ ଏକାଦଶ ସ୍କନ୍ଧରେ ନିର୍ଗୁଣ ପରଂବ୍ରହ୍ମଙ୍କର ଜ୍ଞାନମିଶ୍ରିତ ଯୋଗାଶ୍ରୟୀ ଭକ୍ତିର ପରିଚୟ ମିଳେ ।

ଜଗନ୍ନାଥ ଦାସ ନିର୍ଗୁଣ ବ୍ରହ୍ମଙ୍କର ଉପଲବ୍ଧି ନିମିତ୍ତ ଭକ୍ତିକୁ ସାଧନମାର୍ଗ ଭାବେ ଗ୍ରହଣ କରିଛନ୍ତି । ତାଙ୍କର ସାଧ୍ୟ ଦେବତା ନିତ୍ୟ ଗୋଲକବାସୀ ପରଂବ୍ରହ୍ମ; ସେ ରାଧାକୃଷ୍ଣଙ୍କର ମିଳିତ ବିଗ୍ରହ ଭାବରେ ବିଜେ କରିଛନ୍ତି । ନିତ୍ୟପୁରରେ ଅବସ୍ଥାନ କରୁଥିବା ଶ୍ରୀଜଗନ୍ନାଥ ହେଉଛନ୍ତି ଦୋଳକାଳରେ ପରିପୂର୍ଣ୍ଣ । ଗୋଲକବିହାରୀ ନିତ୍ୟ ରାଧାକୃଷ୍ଣ । 'ତୁଳାଭିଣା' ରେ ଜଗନ୍ନାଥ ଦାସ ଏ ତତ୍ତ୍ୱ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ଉଦାହରଣ ସ୍ୱରୂପ -

"ଆତ୍ମା ବ୍ରହ୍ମ ପରେ ଯେହୁ, ପରବ୍ରହ୍ମ ନାମ ଯେହୁ
ସଚ୍ଚିଦାନନ୍ଦ ଏହୁ ଦେହ ଧାରଣ
ଶ୍ରୀକୃଷ୍ଣ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ବୋଲି ନାମ
ହରିକୃଷ୍ଣ ଏକ ତନୁ ସମସ୍ତ ଜାଣ ।

x x x

ପ୍ରେମାନନ୍ଦ ଶକ୍ତିକି ଭେଦି,
ସଦାନନ୍ଦ ଆସ୍ୱାଦନ୍ତି ବିଗ୍ରହ ଭେଦି ।"

ସେହିପରି 'ତୁଳାଭିଣା' ଗ୍ରନ୍ଥରେ କବି ଜଗନ୍ନାଥଦାସ ଶ୍ରୀଜଗନ୍ନାଥଙ୍କୁ ପରବ୍ରହ୍ମ ସ୍ୱରୂପ ଭାବରେ ଗ୍ରହଣ କରିଛନ୍ତି ।

"ଦେବ ଏ ଜଗନ୍ନାଥ ବୀର । ସ୍ୱରୂପ ପ୍ରକାଶ ଆକାର ।"
(ତୁଳାଭିଣା - ପ୍ରଥମାଧ୍ୟାୟ)

ପୁଣି 'ବ୍ରହ୍ମ ଗୀତାରେ' କହାଯାଇ, ନିର୍ଗୁଣ ପରବ୍ରହ୍ମଙ୍କୁ ହିଁ ପୁରୁଷୋତ୍ତମ ରୂପରେ କଳ୍ପନା କରାଯାଇ ତାଙ୍କରି ଜପ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । 'ଶୂନ୍ୟ ଭାଗବତ' ଗ୍ରନ୍ଥରେ ଜଗନ୍ନାଥ ଦାସ ପିଣ୍ଡକୁ ବ୍ରହ୍ମାଣ୍ଡ ବୋଲି କହିଛନ୍ତି ଓ ସେହି ପିଣ୍ଡ ଭିତରେ ବସିଛି ଶୂନ୍ୟ ପୁରୁଷ ଯେଉଁଛନ୍ତି ନୀଳାଚଳଚୂଡ଼ା ଶ୍ରୀଜଗନ୍ନାଥ । ତାଙ୍କୁ ହିଁ କଳ୍ପନା କରି କବି ଲେଖିଛନ୍ତି । ଯଥା :-

"ନ ଜାଣି ଯେଉଁମାନଙ୍କ କଥା । ନୀଳାଚଳପୁରେ ସାକ୍ଷାତ ।
ନୃସିଂହ ସ୍ମରି ବା ପୂଜିବା । ନଜାଣି ସେହି ଶୂନ୍ୟ ବେଶ ।

x x x

ସାଁଉ ସାଉଁଛି ନିର୍ଗୁଣ । ସାଉଁଛି ଆନନ୍ଦ ଦେହରୁ ।
ସାଁଇ ସଜିଲେ ଯାଣ ଛୁରି । ପସିଲେ ଭାଗୁଆ ସେଥାନ୍ତି ।

(ଗ) ଅଚ୍ୟୁତାନନ୍ଦ ଦାସଙ୍କ ସାହିତ୍ୟରେ ଶ୍ରୀଜଗନ୍ନାଥ :

ଏ ଯୁଗରୁ ଅନ୍ୟତମ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କର କୋଟି କୋଟି ଲେଖାରେ ଶ୍ରୀଜଗନ୍ନାଥ ଭକ୍ତି ପ୍ରକାଶର ପରିଚୟ ମିଳେ। ଶ୍ରୀଜଗନ୍ନାଥ ଙ୍କୁ ନିଜର ଗୁରୁ ଭାବରେ ଗ୍ରହଣ କରି ତାଙ୍କରି ଆଦେଶରେ ଗ୍ରନ୍ଥ ରଚନା କରିଛନ୍ତି ବୋଲି "ଅଣ୍ଣବରଚେ ଗୀତା" ରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି।

ତାଙ୍କର "ପ୍ରେମଭକ୍ତି ବ୍ରହ୍ମଗୀତା" ଗୋପୀକୃଷ୍ଣ ମାର୍ଗରେ ରଚିତ ହୋଇଥିଲେ ମଧ୍ୟ ଏଥିରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ସ୍ୱୟଂ ଶ୍ରୀଧାମକୁ ଲୀଳାର କେତେସ୍ଥଳେ ଭାବରେ ବର୍ଣ୍ଣିତ ହୋଇଛି।

"ନମସ୍ତେ ଦେବ ଜଗନ୍ନାଥ। ମୋ ପ୍ରଭୁ ଶଙ୍ଖଚକ୍ରହସ୍ତ।
ପ୍ରଳୟ ଜଳେ ଶଯ୍ୟା ସାରି। ମୋ ଶଙ୍ଖଚକ୍ର ଭୁଜଧାରୀ।

x x x

ଆଗେ ଭଣନ୍ତି ବଡ଼ ମୁକ୍ତି। କେବଳ ଏ ଦାରୁବ୍ରହ୍ମ ମୂର୍ତ୍ତି।

ସ୍ୱୟଂ ପ୍ରଭୁ ଶ୍ରୀକ୍ଷେତ୍ରରେ ମହାତ୍ମ୍ୟ ଓ ପ୍ରଶସ୍ତି ବର୍ଣ୍ଣନା କରି ଆହୁରି ମଧ୍ୟ କହିଛନ୍ତି -

"ଏହି ସ୍ଥାନ ମୁକ୍ତି କ୍ଷେତ୍ର କହି। ପୃଥ୍ୱୀ ବୈକୁଣ୍ଠ ଯେ ବୋଲାଇ।
ଯେତେକ ପୃଥ୍ୱୀରେ ପୁଣ୍ୟ ହୋନ୍ତି। ଦେବତା ବ୍ରାହ୍ମଣେ କହନ୍ତି।

x x x

ତେତିଶ କୋଟି ଦେବମାନେ। ଗୁହାରି କରନ୍ତି ଏ ସ୍ଥାନେ।
ମୋ ଦୁଆରେ ଯାହା ରହିଣ। ଆସନ୍ତି ନିତ୍ୟ ସ୍ଥାନେ ସ୍ଥାନେ।

ଏହିପରି ଶ୍ରୀଜଗନ୍ନାଥଙ୍କୁ ଗୁହାରି କରି ବର୍ଣ୍ଣନା କରାଯାଇଛି।

## (୪) ଅଚ୍ୟୁତାନନ୍ଦ ଙ୍କ ସାହିତ୍ୟରେ ଶ୍ରୀଜଗନ୍ନାଥ :

ପଞ୍ଚସଖା ମଧ୍ୟରୁ ଶ୍ରେଷ୍ଠ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଶ୍ରୀଜଗନ୍ନାଥ ଙ୍କର ପରମଭକ୍ତ ଥିଲେ । ସେ ଏକାଧାରାରେ ନିର୍ଗୁଣ ଓ ସଗୁଣ ଭକ୍ତି ପରମ୍ପରା ଅନୁରୂପ ବିଶ୍ୱାସୀ ଥିଲେ। ସଗୁଣ ଓ ନିର୍ଗୁଣ ଦୃଷ୍ଟିକୋଣରେ ଏକ ପରବ୍ରହ୍ମ ଙ୍କ ମହିମା ପ୍ରତିପାଦନ କରି ସାଂସାରିକ ମଣିଷକୁ ଭବସଂସାରରୁ ମୁକ୍ତିମାର୍ଗ ନିର୍ଦ୍ଦେଶ କରିଥିଲେ। ତାଙ୍କ ଭକ୍ତି ସାଧନାରୁ ମୋକ୍ଷଲାଭ । 'ଗୁରୁଭକ୍ତି-ଗୀତା' ରେ ସଗୁଣ ଓ ନିର୍ଗୁଣକୁ ଗୋଟିଏ ଡାଳରୁ ଦୁଇଟି ଡେଙ୍ଗା ବୋଲି ବର୍ଣ୍ଣନା କରି କବି ଲେଖିଛନ୍ତି –

"ଗୁଣ ଅଟେ ଗୋଟିଏ ଭକ୍ତିର କଥା,
ସଗୁଣ-ନିର୍ଗୁଣ ଦୁଇ ଯେବଣ ପଥକଥା।
ଦୁଇ ଯେ ଡେଙ୍ଗାରେ ପକ୍ଷୀ ଉଡ଼ିକରି ଯାଇ,
ଦୁଇ ଯେ ପକ୍ଷରେ ସେହି ସଂସାରେ ମେଲଇ ।"

ସେହିପରି "ଶୂନ୍ୟ ସଂହିତା" ରେ ଶ୍ରୀଜଗନ୍ନାଥଙ୍କୁ ଏକାକାର ନିରଞ୍ଜନ ଦାରୁବ୍ରହ୍ମ ବୋଲି କଳ୍ପନା କରିଛନ୍ତି । ଯଥା:-

"ବ୍ରହ୍ମ ଏକାକାର ସେ ଯେ ଅଟେ ନିରଞ୍ଜନ
ସେହି ରୂପ ଜଗନ୍ନାଥ ଅଟେ ଦାରୁବ୍ରହ୍ମ ।"

ସେହିପରି ନୀଳାଚଳନାଥଙ୍କ ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ବର୍ଣ୍ଣନା କରି ସେହି ବୁଦ୍ଧରୂପୀ ଦାରୁବ୍ରହ୍ମ ଭକ୍ତମାନଙ୍କର ମନୋବାଞ୍ଛା ପୂର୍ଣ୍ଣ କରନ୍ତି ବୋଲି ଉଲ୍ଲେଖ କରିଛନ୍ତି । ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଙ୍କ ପାଦରୁ ଦଶଅବତାର ଉତ୍ପନ୍ନ କରି ପୁଣି ତାଙ୍କରି ପାଦରେ ବିଲୀନ ହେଉଛନ୍ତି ବୋଲି କବି ଉଲ୍ଲେଖ କରିଛନ୍ତି ।

ଯଥା:- "ଅନ୍ଧକାରେ ଘନ ଏହି ଦାରୁବ୍ରହ୍ମ
ଏହି ଦାରୁବ୍ରହ୍ମ ସେ ଶୂନ
ଶୂନ୍ୟରୁ ଯାଆନ୍ତେ ଲୀଳାର ନିମନ୍ତେ
ବିଜେ ରତ୍ନ ସିଂହାସନ ।" (ଶୂନ୍ୟସଂହିତା)

'କଳିଯୁଗ ଗୀତା' ରେ କବି ଭୌତିକିକ ଦୁଃଖମାନଙ୍କର ଭବ-ପାଶରୁ ମୁକ୍ତିଲାଭ କରିବା ନିମିତ୍ତ ଶ୍ରୀଜଗନ୍ନାଥଙ୍କ ଠାରେ ଶରଣ କରିଛନ୍ତି । 'ମହାକିଦ୍ୟୁର ଜ୍ଞାନ' ରେ କବି ଶ୍ରୀକ୍ଷେତ୍ରକୁ ନିତ୍ୟ ଗୋଲକ ଭାବରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଏ ଧାମରେ ଅଧିଷ୍ଠିତ ଶ୍ରୀଜଗନ୍ନାଥଙ୍କୁ ଶୂନ୍ୟପୁରୁଷ ଭାବେ ଉଲ୍ଲେଖ କରିଛନ୍ତି ।

(୪) ଶିଶୁ ଅନନ୍ତ ଦାସଙ୍କ ସାହିତ୍ୟରେ ଶ୍ରୀଜଗନ୍ନାଥ :

ବାଲିପାଟଣା ଗ୍ରାମର ସିଦ୍ଧସାଧକ ଶିଶୁଅନନ୍ତ ଦାସଙ୍କ ଲେଖା ଗୁଡ଼ିକରେ ଶ୍ରୀଜଗନ୍ନାଥ କେନ୍ଦ୍ରିକ ଅଧ୍ୟାତ୍ମକୁ ଶୂନ୍ୟ ନିର୍ଗୁଣ ଓ ସେପରି ସଗୁଣ ଉଭୟ ବର୍ଣ୍ଣନା ଦେଖିବାକୁ ମିଳେ । ଅନାମ, ଅରେଖ, ଅଗୋଚର, ଅବ୍ୟକ୍ତ ଶୂନ୍ୟବ୍ରହ୍ମକୁ କବି ଶ୍ରୀଜଗନ୍ନାଥ, ରାମ, କୃଷ୍ଣ ପ୍ରଭୃତି ନାମରେ ସଗୁଣ ରୂପରେ ବର୍ଣ୍ଣନା କରିଛନ୍ତି । ତାଙ୍କର ଶ୍ରେଷ୍ଠ ସୃଷ୍ଟି "ହେତୁ ଉଦୟ ଭାଗବତ" ରେ ଶ୍ରୀଜଗନ୍ନାଥଙ୍କର ବୁଦ୍ଧି ଓ ଶରୀର ମଧ୍ୟରେ ଦାରୁବ୍ରହ୍ମ ଚତୁର୍ଦ୍ଧାମୂର୍ତ୍ତିର ପରିକଳ୍ପନା କରି ଲେଖିଛନ୍ତି -

"ପରମ ପୁରୁଷ ସେହିଲେ । ନୀଳବ୍ରହ୍ମେ ଯେ ଶୂନ୍ୟ ଥିଲେ
ସେତେ ସେ ବ୍ରହ୍ମା ହରେ । ଓଡ଼ୁଣି ଅଛି ବ୍ରହ୍ମାରେ
x x x
ଏମନ୍ତ ନୀଳାଦ୍ରି ମହିମା । ଦେବାକୁ ନାହିଁ ଉପମା ।"

ତାଙ୍କର ଅନ୍ୟ ଏକ ରଚନା "ରସେଦାଣବ" ରେ ଶ୍ରୀକୃଷ୍ଣ-ଗରୁଡ଼ ସମ୍ବାଦ ଛଳରେ କବି ଶ୍ରୀକୃଷ୍ଣ କଳିଯୁଗରେ ଦାରୁବ୍ରହ୍ମ ସ୍ୱୟଂ ଜଗନ୍ନାଥ ବୋଲି ବର୍ଣ୍ଣନା କରିଛନ୍ତି ।

ଯଥା "ଗରୁଡ଼ ବଚନ ଶୁଣିଣ ଶ୍ରୀହରି ବିମ୍ବ ଅଧରରେ ହସିଲେ,
ରାମକୃଷ୍ଣ ଆମ୍ଭେ ଦ୍ୱାରକାରେ ଥିଲୁ ବହୁ ସୁଖେ ସନ୍ତୋଷେ,
ଆହେ ଗରୁଡ଼, ଏବେ କଳି ସ୍ଥାନେ ରହିବୁ,
କିଛି ଦିନ ଗଲେ ଶ୍ରୀନୀଳକନ୍ଦରରେ ଦାରୁରୂପ ଆଚରିବୁ।"

ଓଡ଼ିଆ ଭକ୍ତିସାହିତ୍ୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବର୍ଣ୍ଣନା ବିଶେଷ ଭାବରେ ପ୍ରକାଶିତ ହୋଇଛି। ଜଗନ୍ନାଥ ଦାସ ଓଡ଼ିଆ ଆଦିକବିଙ୍କ ପୁସ୍ତକ 'ଭାଗବତ' ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବଣବିହାରୀ ରୂପେ ବର୍ଣ୍ଣନା କରି ଓଡ଼ିଆ କବି ଜଗଦେବଙ୍କ ଗରିମା କୁ ଦେଖାଇ ଭାବେ ଓଡ଼ିଶାର ଗରିମା ବୋଲି ସ୍ୱୀକାର କରିଛନ୍ତି ।

ଶିଶୁ ଅନନ୍ତ ଦାସ ଙ୍କର ଅନବଦ୍ୟ 'ମନ୍ଦୁଜନ ରାସ' ରେ ସେ ଶ୍ରୀକ୍ଷେତ୍ର କୁ ବୈଷ୍ଣବସ୍ଥଳୀ ଭାବେ ବର୍ଣ୍ଣନା କରିଛନ୍ତି । ଏହି ବୈଷ୍ଣବସ୍ଥଳୀରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ରୂପେ ଶ୍ରୀଜଗନ୍ନାଥ ବିଜେ କରିଛନ୍ତି । ରତ୍ନବେଦିକାକୁ ବିହାରଭୂମି ଭାବି ରହିଛନ୍ତି । ତାହାରି ଭିତରେ ଶ୍ରୀଜଗନ୍ନାଥ ଖୁବ୍ ସୁନ୍ଦର ଦେଖାଯାଉଛନ୍ତି। କବିଙ୍କ ବର୍ଣ୍ଣନାରେ ସେ ରୂପ ଖୁବ୍ ହୃଦୟସ୍ପର୍ଶୀ ହୋଇଛି।

"ନେତ୍ରରେ ଦେଖିଲି ରାଧାଙ୍କ ବକ୍ଷେ ଜଗନ୍ନାଥ
ରାଧାଙ୍କୁ ଧରିଛନ୍ତି କେମିତି ହେବି ଏକ ରୂପାନ୍ତୁ
x x x
ଉପମା କି ଦେବି ତାହାଙ୍କୁ ଆଜି ଉପମାଶୂନ୍ୟ।"

ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କ ପରବର୍ତ୍ତି ପଞ୍ଚସଖାମାନଙ୍କ ମଧ୍ୟରୁ ଅନ୍ୟ ତିନିଜଣ ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଅନନ୍ତ ସେମାନଙ୍କ ଦ୍ୱାରା ରଚିତ 'ଶୂନ୍ୟସଂହିତା', 'କଳିଯୁଗ ଗୀତା', 'ଗରୁଡ଼ଗୀତା', 'ଗୁରୁଭକ୍ତି ଗୀତା', 'ଶିବସ୍ୱରୋଦୟ', 'ପ୍ରେମଭକ୍ତି ବ୍ରହ୍ମଗୀତା', 'ଆଗତ ଭବିଷ୍ୟମାଳିକା' ପ୍ରଭୃତିରେ ଶ୍ରୀଜଗନ୍ନାଥଙ୍କ ମହିମା ପ୍ରତି ଛତ୍ରେ ଛତ୍ରେ ଫୁଟିଉଠିଛି ।

## * ମଧ୍ୟଯୁଗୀୟ କାବ୍ୟ କବିତାରେ ଶ୍ରୀଜଗନ୍ନାଥ :

### (୧) ପ୍ରାକ୍ ସାରଳା ଯୁଗରେ ଶ୍ରୀଜଗନ୍ନାଥ :

'ରାମବିଭା' ଓ 'କଳ୍ପଲତା' କାବ୍ୟର କବି ଅର୍ଜୁନ ଦାସ ଶ୍ରୀରାମ ଚରିତ ଓ ଏକ କାଳ୍ପନିକ କଥାବସ୍ତୁ ଅବଲମ୍ବନରେ କାବ୍ୟଦ୍ୱୟ ରଚନା କରିଥିଲେ ହେଁ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି ତାଙ୍କର ଐକାନ୍ତିକ ଭକ୍ତିଧାରା ଓ ନିବେଦନ ସ୍ୱରୂପ ସେ ଦୁଇଟିଯାକ କାବ୍ୟର କେତେକ ସ୍ଥଳରେ ମହାପ୍ରଭୁଙ୍କ ବେଶ ଓ ଧାମର ବର୍ଣ୍ଣନା କରିଛନ୍ତି-

" ଶୁଣ ହେ ଋଷିମାନେ, ଦକ୍ଷିଣ ଉଦଧି କୂଳେ
କ୍ଷେତ୍ରବର ନୀଳଗିରି ନଗରରୁ ଗୁଣ୍ଡିଚାବିଜେ କାଳେ"

ସମକାଳୀନ କବି ଶିଶୁଶଙ୍କର ଦାସ 'ଉଷାଭିଳାଷ' କାବ୍ୟର ପ୍ରଥମ ଛାନ୍ଦରେ ନିଜର ଆରାଧ୍ୟଦେବତା ଶ୍ରୀଜଗନ୍ନାଥଙ୍କର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ଯଥା:-

"ଆନନ୍ଦକନ୍ଦ ନୀଳଗିରି ପତି
ଲକ୍ଷ୍ମୀ ସାରଦା ଯା ଚରଣ ସେବି
ଶିଶୁଶଙ୍କର ଭାବୁଥାଇ ନିତି ।"

ସମକାଳୀନ କବି ପ୍ରତାପରାୟଙ୍କ 'ଶଶିସେଣା' କାବ୍ୟରୁ ବହୁ-ସ୍ଥାନରେ ଶ୍ରୀଜଗନ୍ନାଥଙ୍କର ପ୍ରଶସ୍ତି ଗାନ କରାଯାଇଛି । କାବ୍ୟଟିର ଆରମ୍ଭରେ କବି ନିଜର ଆରାଧ୍ୟଦେବତା ଶ୍ରୀଜଗନ୍ନାଥଙ୍କୁ ବନ୍ଦନା କରି ନିଜର ଭକ୍ତିର ନିଦର୍ଶନ କରିଛନ୍ତି । ଯଥା:-

"ଦକ୍ଷିଣ ସିନ୍ଧୁ ଉତ୍ତରପାର୍ଶ୍ୱେ ଦେଖ ନୀଳଗିରି
ଯହିଁ ଥିବେ ଦାରୁବ୍ରହ୍ମ ମୂର୍ତ୍ତି ବିଜେ କରି ।"

ଷୋଡ଼ଶ ଶତାବ୍ଦୀର ଶେଷଭାଗରେ କବି ଦେବଦାସ ଶ୍ରୀକୃଷ୍ଣଙ୍କର ଲୀଳାକୁ ନେଇ "ଗୋପୀଚନ୍ଦନ" କାବ୍ୟଟି ରଚନା କରିଥିଲେ ମଧ୍ୟ ଏଥିରେ ବହୁ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଭକ୍ତି ଓ ପ୍ରୀତି ପରିଲକ୍ଷିତ ହୁଏ । ଭୂଦେବଙ୍କ ଛାନ୍ଦରେ ଶ୍ରୀଜଗନ୍ନାଥଙ୍କ ଦ୍ୱିପ୍ରହର ପୂଜା ଓ ସନ୍ଧ୍ୟା ପୂଜାର ବର୍ଣ୍ଣନା ଖୁବ୍ ହୃଦୟସ୍ପର୍ଶୀ ।

ଦ୍ୱିପ୍ରହର ପୂଜାର ବର୍ଣ୍ଣନା :

"ଦ୍ୱିତୀୟ ପ୍ରହର ସନ୍ଧି ହୋଇଲା ସେ ଦେବରାଜ
ପୂଜା ଦୀପ ଧରି ନେଇ ଉଦ୍ୟତ କଲେ ।

x x x

ସେ ଶୋଭା ଦେଖନ୍ତି ଆଣ ସୋହାଗୀର ସ୍ତ୍ରୀୟା ।"

ଶ୍ରୀ ଜଗନ୍ନାଥଙ୍କ ସିଂହଦ୍ୱାର ବେଶ ବର୍ଣ୍ଣନା :-

"ନୀଳାଚଳେ ଦେବରାଜ ସେ ସିଂହଦ୍ୱାରୁ ଯାଇ
ନିରେଖେ ସେ ବେଣି ଜଡ଼ି ନାସାନ୍ତି କାନ୍ଧିରେ

x x x

ଚିତା, ଝୁମ୍ପା, କୁଣ୍ଡଳ, କଣ୍ଠୀ ମାଳ ସେ ।"

ଓଡ଼ିଆ ସାହିତ୍ୟରେ ଅନ୍ୟ ଯେଉଁସବୁ ଜଗନ୍ନାଥ ସାହିତ୍ୟ ମିଳୁଛି, ସେଥିମଧ୍ୟରୁ ଲୋକନାଥ ବିଦ୍ୟାଧରଙ୍କ 'ନୀଳାଦ୍ରି - ମହୋଦୟ' ପୁସ୍ତକ ଅନ୍ୟତମ ଉପାଦେୟ କାବ୍ୟ । କବି ଲୋକନାଥ ବିଦ୍ୟାଧର ଗଜପତି ଦିବ୍ୟସିଂହ ଦେବ ଙ୍କ ଓ ଅର୍ଥ, ଆଧାରରେ ଏମାନ ଶ୍ରୀ.ଧିରେ 'ନୀଳାଦ୍ରି ମହୋଦୟ' ପୁସ୍ତକ ରଚନା କରିଥିଲେ। ପୁସ୍ତକଟିରୁ ୬୨ ଟି ସ୍ଥାନରେ ସେ ଶ୍ରୀଜଗନ୍ନାଥ ମହାପ୍ରଭୁ ବହିନ୍ ଯାତ୍ରା ଏବଂ ଯାତ୍ରା - ପରିଦର୍ଶନ ଆସୁଥିବା ଯାତ୍ରୀମାନଙ୍କ ହାବଭାବ ରହିଛି ତଥା ଯାତ୍ରା ସମୟରେ ବିଗ୍ରହଙ୍କ ଶୋଭା, ରଥ, ଚନ୍ଦନ ଯାତ୍ରା, ଦୋଳଯାତ୍ରା ପ୍ରଭୃତିର ଆନୁପୂର୍ବ ଏହି ସ୍ୱୈରଭାବରେ ବର୍ଣ୍ଣନା କରିଛନ୍ତି । ଏହିକୁ ଅଳଙ୍କାରୁ ଶ୍ରୀକ୍ଷେତ୍ର ବିଷୟରେ ଶବ୍ଦାଳଙ୍କାର ଯୋଜନା ରେ କାବ୍ୟଟି ଅଳଙ୍କୃତ ହୋଇଛି ।

## (୬) ମଧ୍ୟଯୁଗୀୟ ସାହିତ୍ୟରେ ଶ୍ରୀଜଗନ୍ନାଥ :

ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ କବି ଦୀନକୃଷ୍ଣ ଦାସ ଶ୍ରୀଜଗନ୍ନାଥ ଙ୍କର ଜଣେ ପରମଭକ୍ତ ଥିଲେ । ରସବିନୋଦ ଶ୍ରୀକୃଷ୍ଣଙ୍କ ଲୀଳାକୁ ନେଇ 'ରସକଲ୍ଲୋଳ' କାବ୍ୟ ରଚନା କରିଥିଲେ। ମଧ୍ୟ କାବ୍ୟଟିକୁ ବହୁ ସ୍ଥାନରେ କବି ଶ୍ରୀଜଗନ୍ନାଥଙ୍କର ମହିମା ବର୍ଣ୍ଣନା କରିଛନ୍ତି । ଏପରିକି ଶ୍ରୀଜଗନ୍ନାଥଙ୍କର ନିର୍ଦ୍ଦେଶ ପାଇ ସେ 'ରସକଲ୍ଲୋଳ' ରଚନା କରିଛନ୍ତି ବୋଲି କାବ୍ୟରେ ସ୍ୱୀକାର କରିଛନ୍ତି । ତାଙ୍କ ଭାଷାରେ -

"କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ
କରନ୍ତି ପୂର୍ଣ୍ଣ ଭକ୍ତ ମନୋରଥ
କହିଲେ ସେ ମୋତେ,
କରରେ ମାତ୍ର ଲେଖନୀ ମୁଁ ଦେଲୁ ।"

ସେହିପରି 'ରସବିନୋଦ' କାବ୍ୟରେ ମଧ୍ୟ ଶ୍ରୀଜଗନ୍ନାଥଙ୍କର ଲୀଳା ଓ ମହିମା ବର୍ଣ୍ଣିତ ହୋଇଛି । ନନ୍ଦ ବସୁଙ୍କର ନନ୍ଦୋତ୍ସବଲୀଳା ହିଁ ଏହି ଗ୍ରନ୍ଥର ବର୍ଣ୍ଣିତ ବିଷୟବସ୍ତୁ । କବି ନୀଳାଚଳଧାମକୁ ନନ୍ଦସ୍ଥଳ ବା ମଥୁରବୈକୁଣ୍ଠ ନାମରେ ଅଭିହିତ କରିଛନ୍ତି । ଶ୍ରୀଜଗନ୍ନାଥଙ୍କ ଆଜ୍ଞାରେ କବି ରସବିନୋଦ ଗ୍ରନ୍ଥ ରଚନା କରିଛନ୍ତି ବୋଲି କହିଛନ୍ତି ।

"ଶ୍ରୀରାମ କରୁଣା ଜଗନ୍ନାଥେ । ସ୍ଫୁରିଲେ ଆଜ୍ଞା ଦେଇ ମୋତେ
x x x
ପ୍ରଭାତ ସ୍ନାନ ଜଳ ଯେତେ । ଏ ଗ୍ରନ୍ଥ ମହିମା ହିଁ ତେତେ ।"

କବି ଏକାଦଶ ଅଧ୍ୟାୟରେ ଶ୍ରୀଜଗନ୍ନାଥଙ୍କର ଏହି ଲୀଳାକୁ ଉଦ୍ଦେଶ୍ୟ ବିଶଦଭାବେ ବର୍ଣ୍ଣନା କରିଛନ୍ତି । ତ୍ରୟୋଦଶ ଛାନ୍ଦରେ ମଧ୍ୟ ଏହି କଥା ଉଲ୍ଲେଖ କରି ଲେଖିଛନ୍ତି ।

"ଶ୍ରୀପୁରୁଷୋତ୍ତମରେ ଏକା । ନିତ୍ୟେ ନୂଆ ଯାଉ ନାହିଁ ଲେଖା
ତେତିଶ କୋଟି ଗୋପୀ ସେବା । ତହିଁ କି ସନ୍ତୁଷ୍ଟ ହେବା ।"

ସେହିପରି କବି ଦୀନକୃଷ୍ଣ ଶ୍ରୀଜଗନ୍ନାଥଙ୍କୁ ଚେତନା ବ୍ୟକ୍ତି ଓ ରୂପ ଉପାସକାଙ୍କ ବର୍ଣ୍ଣନା ଦେଇ ଚଉଦଶୋଳ ଛାନ୍ଦବିଶିଷ୍ଟ 'ଜଗମୋହନ ଛାନ୍ଦ' ରଚନା କରିଛନ୍ତି । ଶ୍ରୀଜଗନ୍ନାଥଙ୍କ ଠାରୁ ପାଳିତ ଦେବଧ୍ୱଜା ଦ୍ୱାଦଶାଙ୍ଗୀ ରୁ ସର୍ବାଙ୍ଗ ଭୂଷଣକୁ ଅପୂର୍ବ ସ୍ୱର୍ଣ୍ଣ ଭାବରେ କବି ଏଥିରେ ବର୍ଣ୍ଣନା କରିଛନ୍ତି । ନାନା ଉପମା ମାଧ୍ୟମରେ ଶ୍ରୀଜଗନ୍ନାଙ୍କ ରୂପ ବର୍ଣ୍ଣନା ଖୁବ୍ ଚିତ୍ତାକର୍ଷକ ହୋଇଛି । ଯଥା :-

"କାଦମ୍ବୀ ଗୁଚ୍ଛରେ ଯେ ଅଞ୍ଜନ ଶୋଭା,
ଘୁମାଇ ଜଗାଉଥାନ୍ତି ଅରୁଣ ଭୋଳା,
କୁନ୍ଦେନ୍ଦୁ ଶଙ୍ଖ କର୍ପୂର କୁମୁଦକାନ୍ତି,
ଶ୍ରୀଅଙ୍ଗରେ ତାହାଙ୍କ ସମ ନୁହନ୍ତି ।"

ଦୀନକୃଷ୍ଣଦାସ ଙ୍କ 'ରସାଳ ସିନ୍ଧୁ' କୁ ଚାରୋଟି ଗୀତ ଗ୍ରନ୍ଥର ଅନୁବାଦ କରିଥିଲେ ମଧ୍ୟ ଶ୍ଳୋକଗୁଡ଼ିକରେ ଶ୍ରୀଜଗନ୍ନାଥଙ୍କର ମହିମା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଭକ୍ତିରେ ଗଦ୍‌ଗଦ ହୋଇଛନ୍ତି । ଶ୍ରୀଜଗନ୍ନାଥଙ୍କ ଆଜ୍ଞାରେ କବି "ରସାଳ ସିନ୍ଧୁ" ରଚନା କରିଛନ୍ତି ବୋଲି ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । ଯଥା-

କୋଟି କନ୍ଦର୍ପ ଲାବଣ୍ୟ ମୂର୍ତ୍ତି ବହୁଣକ,
ଦେବାଙ୍କୁ ସୁବେଶ ବିଜେ ରତ୍ନ ସିଂହାସନ ।"

'ବୈଦେହୀଶ ବିଳାସ' ର ମଙ୍ଗଳାଚରଣରେ ମଧ୍ୟ କବି ଶ୍ରୀଜଗନ୍ନାଥ ଙ୍କୁ ବନ୍ଦନା କରି ଲେଖିଛନ୍ତି -

"ଦର୍ଶନରେ ଯାହା ଅପତେ ଶୁଦ୍ଧ ଯେ
ଯଦୁକୁଳ ପାଳକ ଲୋକ ପୋଷକ ଯେ
ବିକାଶ ଅଧିଷ୍ଠିତ ମଣ୍ଡଳେ ସୁନ୍ଦରାଧର ଶ୍ରୀମୁଖକ
ଭାବେ ହରଣ ହୋଇ ନାସିକେ ନିରୁ ପଦେକୋ ।"

ଉପେନ୍ଦ୍ରଭଞ୍ଜଙ୍କର ଅନ୍ୟ ଏକ କାବ୍ୟ "ସୁଭଦ୍ରା ପରିଣୟ" ରେ କବି ଶ୍ରୀଜଗନ୍ନାଥ ଙ୍କ ପୌରାଣିକ ପ୍ରକୃତି ଦେବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥ ଙ୍କୁ ଭକ୍ତିଭାବେ ସ୍ମରଣ କରିଛନ୍ତି । ସେ ଦାରୁ ଓ ଠାକୁର ଠାକୁର ଠାକୁର ... ସୁରୁପରେ ...

କବି ସମ୍ରାଟଙ୍କ ରଚିତ କାବ୍ୟରେ ଏକାଧିକ ଦେବାଦେବୀଙ୍କୁ ବନ୍ଦନା କରିଥିଲେ ମଧ୍ୟ ଓଡ଼ିଶାର ଦେବତା ଓ ସଂସ୍କୃତିର ପ୍ରାଣପୁରୁଷ ଶ୍ରୀଜଗନ୍ନାଥ ପ୍ରତି ତାଙ୍କର ଭକ୍ତି ନିବେଦନ ଥିଲା; ଉପରୋକ୍ତ ଉଦାହରଣରୁ ତାହା ସୁସ୍ପଷ୍ଟ ଜଣାପଡ଼େ । ଶୃଙ୍ଗାରବହୁଳ କାବ୍ୟକବିତା ରଚନା ସମୟରେ ମଧ୍ୟ କବି ଶ୍ରୀଜଗନ୍ନାଥଙ୍କୁ ଆଳମ୍ବିତ ଚିନ୍ତା କରି ତାଙ୍କୁ ବନ୍ଦନା କରିଛନ୍ତି, ତାହା କବି ପ୍ରାଣର ଅନାବିଳ ଭକ୍ତି ଭାବନାର ଶ୍ରେଷ୍ଠତମ ଅଭିବ୍ୟକ୍ତି ।

## ଅଭିମନ୍ୟୁ ସାମନ୍ତ ସିଂହାରଙ୍କ କାବ୍ୟରେ ଶ୍ରୀଜଗନ୍ନାଥ :

ଅଭିମନ୍ୟୁ ସାମନ୍ତସିଂହାର 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଅନେକ ସ୍ଥାନରେ ନୀଳାଚଳପତି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରିଛନ୍ତି । କାବ୍ୟଟିର ମଙ୍ଗଳାଚରଣରେ "ଅପ୍ରାକୃତ ପ୍ରେମ-ମୂର୍ତ୍ତି ଜଗଦ୍ଧାତା ହରି" ଅଧ୍ୟକ୍ଷ ଈଶାଙ୍କୁ ନମସ୍କରି "ଅଧରେ ହେ" ପଦରେ ଶ୍ରୀଜଗନ୍ନାଥଙ୍କ ଠାରେ ଶ୍ରୀକୃଷ୍ଣଙ୍କର ଯୁଗଳମୂର୍ତ୍ତି ଆରୋପ କରି ତାଙ୍କୁ ବନ୍ଦନା କରିଛନ୍ତି । ଏହି ପରମ୍ପରା ଅନୁସାରେ ଉତ୍କଳୀୟ ବୈଷ୍ଣବ କବି ଭକ୍ତ କବି ଅଭିମନ୍ୟୁ ସାମନ୍ତ ସିଂହାର ଶ୍ରୀଜଗନ୍ନାଥଙ୍କ ଠାରେ ଶ୍ରୀରାଧା-କୃଷ୍ଣଙ୍କ ଆରୋପ କରି ତାଙ୍କୁ ଅପ୍ରାକୃତ ପ୍ରେମଲୀଳାକୁ ଯଥାର୍ଥରୂପ ଭାବେ ବିଦଗ୍ଧ ଚିନ୍ତାମଣି ର ମଙ୍ଗଳାଚରଣରେ ଗାନ କରିଛନ୍ତି । ସେହିପରି କୁଞ୍ଜଲୀଳା ପ୍ରସଙ୍ଗରେ କବି ଶ୍ରୀଜଗନ୍ନାଥଙ୍କ ଝୁଲଣଯାତ୍ରା ଛବି ଦେଇଛନ୍ତି ।

ଯଥା-

"ପ୍ରଭୁ ଜଗନ୍ନାଥ ପ୍ରେମରେ ଯାହା ଅନୁଭବ କଲା ବିରହିଣୀ
ଗୋବିନ୍ଦ ଚନ୍ଦ୍ରଙ୍କ ପୁତ୍ରାନନ୍ଦ ବାଳକୃଷ୍ଣଙ୍କ ପୁତ୍ରବଧୂ।"

ଚୋଟକା ଜଣାଣ ଓ ଭଜନରେ ମଧ୍ୟ କବି ଅଭିମନ୍ୟୁଙ୍କର ଶ୍ରୀଜଗନ୍ନାଥ ପ୍ରୀତିରୁ ପରିଚୟ ମିଳେ ।

(ଗ) ଉତ୍ତର ରୀତିକାଳ ବା ଗୀତିଯୁଗୀୟ ସାହିତ୍ୟରେ ଶ୍ରୀ ଜଗନ୍ନାଥ :

ସାଲବେଗ ଓ ଭକ୍ତିଭାବନା କୁ ଆବୁରି କଥାକୁ କରିବ। ଉଦ୍ଦେଶ୍ୟରେ କେତୋଟି ଉକ୍ତି ଦୃଷ୍ଟାନ୍ତ ଦେଉ । କବି ସାଲବେଗ ଯବନକୁଳରେ ଜାତ ହୋଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ଅଧିକାର ପାଇ ନ ଥିବାରୁ ସମୁତ୍ସୁକେ ମନ ମଧ୍ୟରେ ପ୍ରଭୁ ଜଗନ୍ନାଥ କୁ ଧ୍ୟାନ କରୁଥିଲେ । ତାଙ୍କ ସେହି ଭାବନା କୁ ଉପଦେଶ ସେ ଗାଉଛନ୍ତି -

"ଆହେ ନୀଳଗିରି,
ତୁମ୍ଭ ଶ୍ରୀ ଭୁଜେ କହୁଣି ଯୋଡ଼ି ଯୋଡ଼ି,
ତୁମ୍ଭଙ୍କ ଦେଖା ପାଇଁ କରି
ଧାଇଁ ଆସୁଛନ୍ତି କେତେ କୋଟି ।
ଜାତେ ସାଲବେଗ ହୀନଜାତି
ଶ୍ରୀରଙ୍ଗ ଦେଖେ ରହୁ ମତି
ଶ୍ରୀଜଗନ୍ନାଥ କୁ ଜଣାଣ କରୁଛି
ଦଣ୍ଡବତ କରେ ଲକ୍ଷ୍ମୀପତି ।"

କେବଳ ସେତିକି ନୁହେଁ, ଭକ୍ତ-କବି ସାଲବେଗ ଙ୍କ ଜୀବନୀରୁ ମହାତ୍ମା ଆମ୍ଭରି ଏକା ଭଜନରେ ପ୍ରତିଫଳିତ ହୁଏ । କବି ବାର୍ଦ୍ଧକ୍ୟ ପୁରୀରେ ଅବସ୍ଥାନ ପରେ ଶ୍ରୀବୃନ୍ଦାବନ କୁ ଯାତ୍ରା କରିଥିଲେ କିନ୍ତୁ ତାଙ୍କର ଉଦ୍ଦେଶ୍ୟ ଥିଲା ରଥଯାତ୍ରା ପୂର୍ବରୁ ଫେରିଆସିବେ ଶାରୀରିକ ଅସୁସ୍ଥତାଯୋଗୁଁ ସେ ପଥ ମଧ୍ୟରେ ଅଟକିଗଲେ । ରଥଯାତ୍ରା ପୂର୍ବରୁ ଦୂରପଥ ଅତିକ୍ରମ କରିବାକୁ ତାଙ୍କର ସାମର୍ଥ୍ୟ ନ ଥିଲା କିନ୍ତୁ ମନମଧ୍ୟରେ ଏକାଗ୍ରତାରୁ ଯଦିଓ ସେ ନନ୍ଦିଘୋଷ ଉପରେ ଜଗନ୍ନାଥ ଙ୍କୁ ଦେଖିବାରୁ ଅଭିଳାଷ ରଖି ଗାଇଥିଲେ ।

"ଜଗବନ୍ଧୁ ହେ ଗୋସାଇଁ ।
ତୁମ୍ଭ ଶ୍ରୀଚରଣ ବିନୁ ଆନ ଗତି ନାହିଁ ।

x x x

ପ୍ରାଣେ ଚରଣ କୋଶ ଚାଲି ନ ପାରଇ
ମୋର ନିମନ୍ତେ ନନ୍ଦିଘୋଷ ରଖ ରହି ।"

ଉକ୍ତରୁ ଆସୁଛି କିଛିଦିନ ଭୁଜମହାଦେବୀ ଙ୍କ କାର୍ଯ୍ୟଶୈଳୀରେ ମେଳା, ବଳରାମ ଓ ସୁଭଦ୍ରା ଦେବୀ ଙ୍କ ରଥ ବଡଦାଣ୍ଡ ଅତିକ୍ରମ କରି ଚାଲିଲା ; କିନ୍ତୁ କାଳିଆ ଠାକୁରଙ୍କ ନନ୍ଦିଘୋଷ ଶରଧା ବାଲିରୁ ଟଳେ ହେଲେ ଘୁଞ୍ଚିଲା ନାହିଁ । ସେତେବେଳେ ସୁଦୂର ପଥ ଅତିକ୍ରମ କରି ଭକ୍ତ ସାଲବେଗ ଆସି ପହଞ୍ଚିବା ପରେ ନନ୍ଦିଘୋଷ ଚାଲିଥିଲା । ଏବେ ବି ସେହି ଶରଧାବାଲିରେ ସାଲବେଗ ଙ୍କ ସମାଧି ଅଛି । ସାଲବେଗ ଙ୍କ ଭଜନ ଗୁଡ଼ିକ କେବଳ ସାହିତ୍ୟିକ ଆଲୋଚନା ର ପୃଷ୍ଠଭୂମି ନୁହେଁ ; ଗାନ ପଦ୍ଧତିରେ ବିଶେଷ ବୈଶିଷ୍ଟ୍ୟ ବହିଛି । ଓଡ଼ିଶାର ଲୋକମାନେ ସାଲବେଗ ଙ୍କ ଭଜନ ଗୁଡ଼ିକ ଗାନ କଲେ ତାହା ଯେ କୌଣସି ଭକ୍ତର ହୃଦୟ କୁ ଭାବ-ବିହ୍ୱଳିତ କରିଥାଏ ଏଥିରେ ସନ୍ଦେହ ନାହିଁ ।

## ବନମାଳୀଙ୍କ ଗୀତିକବିତାରେ ଶ୍ରୀଜଗନ୍ନାଥ :

ଓଡ଼ିଶାର ଯାଣଣଙ୍କ ଲୋକମାନଙ୍କରେ ଜଗନ୍ନାଥଙ୍କ ଭଜନ ରଚନା କରିବାର କବି ବନମାଳୀଙ୍କ ଅବଦାନ ଗୁରୁତ୍ୱ ପରିଚିତ ହୁଏ। ଅଷ୍ଟାଦଶ ଶତାବ୍ଦୀରୁ ଶ୍ରୀକ୍ଷେତ୍ରବାସୀ ମାନମାଳୀ ମହାପାତ୍ରଙ୍କର 'ଶ୍ରୀମୁଖଦର୍ଶନ ମାଗୁଣି' ଦ୍ୱାରା ଭକ୍ତଙ୍କ ହୃଦ ଓ ଏମ ପ୍ରଶଂସା ବୃତ୍ତିରୁ ଅବଗତ ଉଦ୍‌ଘୋଷଣରୁ ମନେହୁଏ। ଭକ୍ତକବି ବନମାଳୀ ଦାସ ଉଚ୍ଛ୍ୱସିତ କଣ୍ଠରେ ଶ୍ରୀମୁଖଦର୍ଶନରୁ ଅଭିଳାଷ ପ୍ରକାଶ କରି ତା ତୁଳନାରେ ଇନ୍ଦ୍ର, ଚନ୍ଦ୍ର, ରୁଦ୍ର ପ୍ରଭୃତି ଦେବାଦେବୀଙ୍କ ଦର୍ଶନକୁ ତୁଚ୍ଛ ମନେ କରିଛନ୍ତି। ଯଥା:-

"ମହାବାହୁ ! ଏକି କଥାରେ ମୋ ମନ,
କେତେ ଦେଖୁଥିବି ନୀଳଗିରିଶିଖରେ କୃଷ୍ଣ-ସୁନ୍ଦର ବଦନ।

x x x

ଚିନି ବଦନ ଚନ୍ଦ୍ରକୁ ଚାହିଁ ମୁହିଁ ହାପତ୍ରଭରନ ଲାଗି
ତୋରେ ବନମାଳୀ ଅନୁଗତ ସାଧ୍ୟ ଲୋଡ଼ୁଅଛି ଦେଖି ତୃପ୍ତି ନାହିଁ।"

### ଭକ୍ତକବି ନିତ୍ୟାନନ୍ଦ ଦାସ :

କବି ବନମାଳୀଙ୍କ ପରି କବି ନିତ୍ୟାନନ୍ଦ ଦାସଙ୍କ ଶ୍ରୀଜଗନ୍ନାଥ-ଭଜନ ଅତ୍ୟନ୍ତ ହୃଦୟସ୍ପର୍ଶୀ। ସେ ପ୍ରଭୁଙ୍କ ପାଖରେ ନିବେଦନ କରି ଦୁଃଖ ଜଣାଉଛନ୍ତି ସଂସାର ସାଗରେ ପତିତ ଜନଙ୍କୁ ଉଦ୍ଧାର କରିବା ପ୍ରଭୁଙ୍କର କର୍ତ୍ତବ୍ୟ ବୋଲି ସେ ଉଲ୍ଲେଖିତ କରିଛନ୍ତି। ଯଥା:- "ପତିତ ଜନକୁ ଉଦ୍ଧାରି ନାମ ଘେନି
ତ ଭଜାଉଅଛ କାହାକୁ
ବାବୁ ତୋତେ ଦୁଃଖେ କହି ପାରୁନାହିଁ
କାହିଁ ଲାଗିଛି ମୋତେ।"

ଗୀତିକବି ଅଭିମନ୍ୟୁ :

କୋମଳ ପ୍ରୀତି ଛନ୍ଦ, କବିତାକାର ଭଳି 'ବିଦଗ୍ଧ ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତିଙ୍କ ପଦ୍ମଲୋଚନ-ଲୀଳା ବା ସୁନ୍ଦରୀ ଗାଇ ସମସ୍ତ ଲୋକ ଶୁଣିଲେ ଅନୁଭବ କରି ଜଗନ୍ନାଥ ଶ୍ରୀପାଦରେ ସମର୍ପଣ, ତାଙ୍କୁ ଭକ୍ତିରେ ନ ଥାଲେ ନାନାବିଧ ଅଙ୍ଗରେ କବିତା ରଚନାକରି ପ୍ରତିଭା ଶୁଣାଇ-ଛନ୍ତି ।

"ଆହେ ନିଶିପତି ! ଯୋଗଣ ନାଚୁଛି ଚିତ୍ତସୁର,
ଭାଙ୍ଗୁଛି କେଉଁ ପଦ୍ମଲୋଚନ
ଲୀଳା-ଯୋଗରୁ ବିଶ୍ୱସୁନ୍ଦର ।

x x x

ଶାନ୍ତିଧାରୁ ଦାନଭକ୍ତ ଶୋଭା,
ଅନ୍ତରର ତୃଷ୍ଣା ଲାଗି ଭାଙ୍ଗୁଛି
ଅଭିମନ୍ୟୁର ସୁହାସ୍ୟ ଲୋଳା ।"

କବିସୂର୍ଯ୍ୟ ବଳଦେବ ରଥ :

ଓଡ଼ିଶାର ସଙ୍ଗୀତ ଇତିହାସରେ 'କବିସୂର୍ଯ୍ୟ ବଳଦେବ ରଥ'ଙ୍କ ଅବଦାନ ଅବିସ୍ମରଣୀୟ । ଶିବାଜୀଙ୍କ ଲୀଳାମାନଙ୍କୁ ତାଙ୍କର ସମସ୍ତ ରଚନା ଚମ୍ପୂରେ ରଖିଥିଲେ ଏବଂ ସେ ଶ୍ରୀଜଗନ୍ନାଥ ଭଜନରେ ଅଲୌକିକ ଭକ୍ତିରସ ମେଳାଇ ପ୍ରଦାନ କରିଛନ୍ତି । କବିସୂର୍ଯ୍ୟ ଇତୋଜୀବ ଅନୁସାରି ଅଲଙ୍କାର ଜୋଡ଼ି ଅଧିକ ବାନ୍ଧନାରୁ ଏଥା ଯୌବନ ।

## ମହାପ୍ରଭୁଙ୍କର ବିଭିନ୍ନ ବେଶ :

ଶ୍ରୀଜଗନ୍ନାଥ ଙ୍କ ଓ ଚୈତନ୍ୟଙ୍କର ମହାପ୍ରଭୁଙ୍କର ବେଶରେ ଯଥେଷ୍ଟ ପ୍ରଭାବ ପରିଲକ୍ଷିତ ହୁଏ । କିନ୍ତୁ ମନ୍ଦିରରେ ବୈଷ୍ଣବ ପରମ୍ପରା ଅନୁସାରେ ଅନେକ ବେଶ ଓ ପର୍ବପର୍ବାଣି ପାଳିତ ହେଉଥିବାରୁ ଏପରି ଅନୁମାନ କରାଯାଏ । ଶ୍ରୀଚୈତନ୍ୟ ଙ୍କ ଆଗମନ ଓ ରାଜାନୁଗ୍ରହ ଫଳରେ ହୁଏତ କିଛି ପ୍ରଚଳିତ ବେଶ ମନ୍ଦିରରେ ହୋଇ ଥାଇପାରେ ବୋଲି ଅନୁମାନ କରାଯାଏ ।

ମହାପ୍ରଭୁ ସ୍ନାନପୂର୍ଣ୍ଣିମାରେ ହାତୀବେଶ ହୁଅନ୍ତି । ହାତୀ ବେଶରେ ଗଣପତି ପ୍ରଭୁଙ୍କ ପ୍ରତି ଅନୁରକ୍ତି ଓ ଭକ୍ତପ୍ରତି କରୁଣାର ପ୍ରକାଶ ପାଇଥାଏ । ଶାରା ଗୁଣ୍ଡିଚା ଅବସରରେ ମହାପ୍ରଭୁ ସାଦିନ ଭିତରେ ବିମଳା ମନ୍ଦିରରେ ଦୁର୍ଗା ସହିତ ୮ ଦିନ ଅବସ୍ଥାନ କରିବା ପରେ ଅଷ୍ଟମ ଦିନ ଗୋଲମଣ୍ଡପ ସହିତ କାଉରୀଷ୍ଟ ମନ୍ଦିରରେ ଉପବେଶନ କରନ୍ତି ।

ନବଦ୍ୱୀପ ଓ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରରେ ପାଳିତ ହୋଇଥାଏ । ଶ୍ରୀକୃଷ୍ଣ ଜନ୍ମଦିନ ଶ୍ରୀଜଗନ୍ନାଥ ଓ ଗୋବିନ୍ଦଙ୍କୁ ଶ୍ରୀମନ୍ଦିରରେ ସ୍ନାନ କରାଯାଏ । ଲକ୍ଷ୍ମୀ ବା ଜଗମୋହନରେ ସମ୍ପାଦନା କରାଯାଏ । ଶ୍ରୀମନ୍ଦିରରେ ପାଳିତ ହେଉଥିବା ବେଶ ମାନଙ୍କ ମଧ୍ୟରୁ ପ୍ରାୟତଃ ବେଶ ବୈଷ୍ଣବ ସିଦ୍ଧାନ୍ତ ଅନୁସାରେ ପାଳିତ ହୁଏ । ଏହି ବେଶମାନ ଶ୍ରୀମଦ୍ଭାଗବତରେ ଥିବା ଅନୁସାରେ ପାଳିତ ହୁଏ । ବେଶଗୁଡ଼ିକ, କୃଷ୍ଣ ସମ୍ବନ୍ଧିତ, ରାସ ସମ୍ବନ୍ଧିତ, ଓ ବୈଷ୍ଣବ ସମ୍ବନ୍ଧିତ ବେଶ ସମୂହରୁ ଅଧିକ ।

## ନିଷ୍କର୍ଷ :

ଶ୍ରୀଜଗନ୍ନାଥ ଜଗତର ନାଥ ହେଉଛନ୍ତି ସେହି ଆଦର୍ଶ ସମାଜର ପ୍ରତୀକରୂପେ ପରିଗଣିତ । ସାମ୍ୟବାଦ ଧର୍ମ , ଅଧ୍ୟାତ୍ମବାଦ ଧର୍ମ , ସମସ୍ତ କିଛି ରହିଛି ଶ୍ରୀ ଜଗନ୍ନାଥ ମନ୍ଦିରରେ । ତେଣୁ ଏହି ଆଦର୍ଶ ବିଚାରଧାରାକୁ ଉଦ୍‌ବୁଦ୍ଧ କରିଛି , ଯାହାଦ୍ୱାରା ସୁଦୂର ପାଶ୍ଚାତ୍ୟଠାରୁ ଆରମ୍ଭ କରି ପ୍ରାଚ୍ୟଦେଶରେ ଜଗନ୍ନାଥଙ୍କ ଭାବଧାରା ଅବାଧ ସାମାଜିକ ଧାରା ଗୁରୁତ୍ୱକୁ ନେଇ ପ୍ରବାହିତ ହେବାରେ ଲାଗିଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ସାହିତ୍ୟର ଉତ୍ସ ଧାରା । ସେହି ସାହିତ୍ୟରେ ତୁଳନା ବାସ୍ତବବାଦୀ ସଂସ୍କୃତିକୁ ନେଇ ଏକମାତ୍ର ସଂସ୍କୃତି ରୂପେ ଆଖ୍ୟା ଦିଆଯାଇଛି । ତାହାର ଅନୁରାଗରେ ଶାନ୍ତି , ମୈତ୍ରୀ , ସଂହତି ଓ ବିଶ୍ୱ ଭ୍ରାତୃତ୍ୱର ଚେତନା ଭାବନା ଧାରା ପ୍ରବାହିତ ହୋଇଆସିଛି । ତାହାକୁ ସମସ୍ତ ଧର୍ମ ଧାରଣା ବା ଆଦର୍ଶରୁ ଏକ ବ୍ୟତିକ୍ରମ କୁହାଯାଇପାରେ । ଯଦି କୌଣସି ସମାଜରେ କୌଣସି ଏକ ଦେଶରେ ସଙ୍କଟ ଉପୁଜିଥାଏ, ତେବେ ସେ ଦେଶର ସାହିତ୍ୟଦ୍ୱାରା ହିଁ ସେ ଦେଶର ସାମାଜିକ ଚେତନାକୁ ପୁନରୁତ୍ଥାନ କରାଯାଇପାରିବ । ଯୁଗ ଯୁଗ ଧରି ଉଦ୍ଭାସ ଓ ସାହିତ୍ୟିକ ଚିନ୍ତାଧାରା ସମାଜକୁ ସମ୍ପୂର୍ଣ୍ଣ ନୂତନ କରି ଗଢ଼ି ପାରିବ । କାରଣ ସାହିତ୍ୟ ଓ ସମାଜ ଦୁହେଁ ପରସ୍ପର ସହିତ ଓତଃପ୍ରୋତ ଭାବେ ଜଡ଼ିତ । ବ୍ୟକ୍ତି ଓ ସମାଜ କେବଳ ସାହିତ୍ୟରେ ନିଜର ପ୍ରତିବିମ୍ବ ଦେଖିପାରନ୍ତି ନାହିଁ ନିଜକୁ ସୁନ୍ଦରରେ ଗଢ଼ିବାର ପ୍ରେରଣା ମଧ୍ୟ ଆହରଣ କରିଥାନ୍ତି । ସଂସ୍କୃତି ଠାରୁ ସାହିତ୍ୟ ଏକ ସମ୍ପତ୍ତି ନୁହେଁ ସାହିତ୍ୟ ଏକ ପ୍ରେରଣାର ମୂଳ ଉତ୍ସ ।

PROJECT REPORT ON

## DEPARTMENT OF ODIA

## PATTAMUNDAI COLLEGE, PATTAMUNDAI

## SESSION 2021-22

## ATTENDANCE SHEET OF STUDENTS

| SL. NO. | NAME OF THE STUDENT | ROLL NO. | SIGNATURE |
|---|---|---|---|
| 1 | Priyadarsanee Panda | 19010114400020127 | Priyadarsanee Panda |
| 2 | Priyanka Das | 19010114400020128 | Priyanka Das |
| 3 | Ranjita Behera | 19010114400020129 | Ranjita Behera |
| 4 | Sangita Mohanty | 19010114400020131 | Sangita Mohanty |
| 5 | Sangita Ojha | 19010114400020132 | Sangita Ojha |
| 6 | Sekharani Das. | 19010114400020134 | Sekharani Das. |
| 7 | Sovan Mohanty | 19010114400020135 | Sovan Mohanty. |
| 8 | Sradhanjali Kar | 19010114400020136 | Sradhanjali Kar |
| 9 | Subhashree Patra | 19010114400020137 | Subhashree Patra |
| 10 | Sumitra Sethi | 19010114400020139 | Sumitra Sethi |
| 11 | Surabhi Pradhan | 19010114400020140 | Surabhi Pradhan |
| 12 | Tanmayee Bayee | 19010114400020142 | Tanmayee Bayee |
| 13 | Tanushree Rout | 19010114400020143 | Tanushree Rout |
| 14 | Tejaswini Manaprava Tripathy | 19010114400020145 | Tejaswini Manaprava Tripathy. |
| 15 | | | |
| 16 | | | |
| 17 | | | |
| 18 | | | |
| 19 | | | |
| 20 | | | |
| 21 | | | |

Department of Odia Language and Literature



Students presented their project details before an Examiner and teachers of the Department for final evaluation.



Pramalata Rout.
03/07/22